# ବୁଢ଼ାବଳଙ୍ଗରେ ବନ୍ୟା ପରିସ୍ଥିତି



ଚୂନଭାଟିସ୍ଥିତ ରାସ୍ତାରେ ସହରକୁ ପ୍ରବେଶ କରୁଛି ବୁଢ଼ାବଳଙ୍ଗର ବନ୍ୟା ଜଳ।

- ଶତାଧିକ ପରିବାର ପାଣିଘେରରେ
- ରାସ୍ତା ଉପରେ ବନ୍ୟାର ସୁଅ
- ପାୱାର ବୋଟ୍ ନେଇ ପହଞ୍ଚିଲେ ଉଦ୍ଧାରକାରୀ ଦଳ
- କାଳ ଓ ସୁନେଇ ଡ୍ୟାମ୍‌ରୁ ନିଷ୍କାସିତ ଜଳ ବିପଦ ଆଣିଲା

**ବାଲେଶ୍ୱର ଅଫିସ,୧୩।୧୦**

ତିତ୍‌ଲି ବାତ୍ୟା ପ୍ରକୋପ କମିଥିଲେ ବି ଏହାର ପ୍ରଭାବରେ ପ୍ରବଳ ବର୍ଷା ହେବାରୁ ବାଲେଶ୍ୱର ଜିଲାରେ ବୁଢ଼ାବଳଙ୍ଗ, ଜଳକା ଓ କାଂଶବାଂଶ ନଦୀରେ ବନ୍ୟା ସ୍ଥିତି ଦେଖାଦେଇଛି। ଶନିବାର ବର୍ଷା ପରିମାଣ ହ୍ରାସ ସତ୍ତ୍ୱେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି। ଶତାଧିକ ପରିବାର ପାଣିଘେରରେ ପଡି ରହିଛନ୍ତି। ପ୍ରଭାବିତ ଅଞ୍ଚଳର ବହୁ ମାଟିଘର ଭୁଶୁଡି ପଡିଛି। ଗ୍ରାମ୍ୟ ରାସ୍ତା ପାଣିରେ ବୁଡିଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ସ୍କୁଲ, କଲେଜ ବନ୍ଦ ରହିଛି। ୩ ଦିନ ଧରି ତଳିଆ ଅଞ୍ଚଳ ଲୋକଙ୍କ ଘରେ ଚୂଲି ଜଳିନାହିଁ। ବିପନ୍ନଙ୍କ ପାଖରେ ପ୍ରଶାସନ ପହଞ୍ଚି ପାରି ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟା ୭ଟା ପରଠାରୁ ବୁଢ଼ାବଳଙ୍ଗରେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଓଡ୍ରାଫ୍, ଅଗ୍ନିଶମ ବିଭାଗ ଏବଂ ଏନ୍‌ଡ଼ିଆର୍‌ଏଫ୍ ବିଭାଗ କର୍ମଚାରୀ ପାୱାରବୋଟ୍ ନେଇ ବନ୍ୟା ଅଞ୍ଚଳରେ ପହଞ୍ଚିଥିବା ଜଣାପଡ଼ିଛି।

ଉପରମୁଣ୍ଡରୁ ବର୍ଷା ପାଣି ଆସି ମୟୂରଭଞ୍ଜ ଜିଲାର କାଳ ଏବଂ ସୁନେଇ ପ୍ରତ୍ୟେକ ଡ୍ୟାମ୍ ଉବୁଟୁବୁ ହେବାରୁ ୨ଟି ଲେଖାଏ ଗେଟ୍ ଖୋଲାଯାଇ ପ୍ରତି ସେକେଣ୍ଡରେ ୧୨ହଜାର ଘନଫୁଟ୍‌ର ଜଳ ନିଷ୍କାସନ କରାଯାଇଥିଲା। ଏହି ବନ୍ୟାଜଳ ବୁଢ଼ାବଳଙ୍ଗ ନଦୀରେ ମିଶି ପ୍ରବାହିତ ହେବାରୁ ବାଲେଶ୍ୱର ନିକଟସ୍ଥ ବଇଁଚା, ସିନ୍ଧିଆ, ବୁଆଁଳ, ଗୋପୀନାଥପୁର, ପରିଖି, ଓଲନ୍ଦାସାରଗାଁ, ନଗ୍ରମ, ଦହପଡ଼ା, ହରିପୁର ପଞ୍ଚାୟତରେ ବନ୍ୟାପାଣି ପଶିଥିଲା। ଏସବୁ ଅଞ୍ଚଳରେ ଶତାଧିକ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଗୃହପାଳିତ ପ୍ରାଣୀମାନେ ଆଣ୍ଠୁଏ ପାଣିରେ ଘର ଭିତରେ ବନ୍ଧା ହୋଇ ରହିଛନ୍ତି। କେତେକ ଲୋକ ଘରଦ୍ୱାର ଛାଡ଼ି ସରକାରୀ ଆଶ୍ରୟସ୍ଥଳୀକୁ ଚାଲିଯାଇଛନ୍ତି। ୩ଦିନ ଧରି ଲଗାଣବର୍ଷା ଜନଜୀବନକୁ ଅଥୟ କରିଥିବା ବେଳେ ଏହି ବନ୍ୟା ଲୋକଙ୍କ ଦୁର୍ଦ୍ଦଶାକୁ ବହୁଗୁଣିତ କରିଛି। ବୁଢାବଳଙ୍ଗ ବ୍ୟତୀତ ସୋନ, ଗଙ୍ଗାହାର, ଜଳକା, ସୁବର୍ଣ୍ଣରେଖାର ଜଳପତ୍ତନ ବୃଦ୍ଧି ପାଇବାରୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ଜିଲା ଜରୁରୀକାଳୀନ ଅଧିକାରୀ କମଳାକାନ୍ତ ପଣ୍ଡା କହିଛନ୍ତି, ବାଲେଶ୍ୱର ଜିଲା ସହରାଞ୍ଚଳରେ ଚୂନଭାଟି ତଳସାହି, ଦରଜିପୋଖରୀ, ମଝିସାହି, ଉପରସାହି, ଓଲନ୍ଦାସାହି, ବାଲିଘାଟ ପମ୍ପହାଉସ୍ ଅଞ୍ଚଳରେ ବୁଢ଼ାବଳଙ୍ଗ ଜଳ ପଶି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ବାଲେଶ୍ୱର ସଦର ବ୍ଲକର ବଇଁଚା, ବିରୁଆଁ, ଫୁଲାଡ଼ି, ନଗ୍ରମ, ତଳିଆ ଅଞ୍ଚଳ ବୁଢ଼ାବଳଙ୍ଗ ବନ୍ୟାରେ ପ୍ରଭାବିତ ହୋଇଛି। ସେହିପରି ରେମୁଣା ବ୍ଲକର ବଡ଼ନୂଆପୁର, ଦହପଡ଼ା, କଶମିଳା, କେଶପୁର ସହିତ କେତେକ ତଳି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ପାଣିଘେରରେ ଥିବା ବିପନ୍ନ ଲୋକମାନଙ୍କୁ ଉଦ୍ଧାର କରାଯାଇ ରନ୍ଧା ଖାଦ୍ୟ ପ୍ରଦାନ ନିମନ୍ତେ ପ୍ରସ୍ତୁତି ଚାଲିଛି।

## ଭୋଗରାଇ ଜଳାର୍ଣ୍ଣବ: ଅନୁଧ୍ୟାନ କଲେ ମନ୍ତ୍ରୀ

**ଭୋଗରାଇ, ୧୩।୧୦ (ଡି.ଏନ.ଏ.)**

'ତିତ୍‌ଲି' ପ୍ରଭାବରେ ୩ ଦିନ ଧରି ଭୋଗରାଇ ଏବଂ ଏହା ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ତୁହାକୁ ତୁହା ବର୍ଷା ଯୋଗୁଁ ଭୋଗରାଇର ୫ ପଞ୍ଚାୟତର ବହୁ ଗ୍ରାମ ଜଳାର୍ଣ୍ଣବ ହୋଇଥିବା ବେଳେ ରାସ୍ତାଘାଟରେ ଆଣ୍ଠୁଏରୁ ଊର୍ଦ୍ଧ୍ୱ ପାଣି ଜମି ରହିଛି। ବହୁ ତଳିଆ ଗ୍ରାମର ଘରଗୁଡ଼ିକରେ ପାଣି ପଶି ରହିଥିବାରୁ ଜୀବନଯାତ୍ରା ବ୍ୟାହତ ହୋଇଛି। ନଡ଼ାଛପର, କାଞ୍ଚାମାଟି ଘର ଭାଙ୍ଗିରୁଜି ଯାଇଥିବା ବେଳେ ବିପନ୍ନମାନେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ପନିପରିବାର ଚାଷ ଉଜୁଡି ଯାଇଥିବା ବେଳେ ପାନବରଜ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଗାପୂଜା ନିମନ୍ତେ ସାଜସଜ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ତିତ୍‌ଲି ପ୍ରକୋପରେ ବହୁ ତୋରଣ ଧରାଶାୟୀ ହୋଇଛି। ମନ୍ତ୍ରୀ ଅନନ୍ତ ଦାସ ଶନିବାର ଭୋଗରାଇର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖୁବ୍ ଶୀଘ୍ର ବନ୍ୟା ବିପନ୍ନଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ମନ୍ତ୍ରୀ ଦାସ ତହସିଲଦାର ଅଭୟ ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଉଜୁଡିଲା ପାନବରଜ, ଧାନଫସଲ
## ଘର ଭୁଶୁଡ଼ି ବହୁ ପରିବାର ବିପନ୍ନ

**ବାଲିଆପାଳ, ୧୩।୧୦(ଡି.ଏନ.ଏ.)**

ତିତ୍‌ଲି ବାତ୍ୟା ପ୍ରଭାବଜନିତ ବର୍ଷା ଯୋଗୁ ବାଲେଶ୍ୱର ଜିଲା ଦକ୍ଷିଣ ବାଲିଆପାଳର ବଡାଶ, ଡଗରା, ଅଳାଡିହା, ଚଉମୁଖ, ବେତଗଡିଆ, ରତାଇ, ନୂଆଗାଁ, ପଞ୍ଚୁପାଲି ଓ ଜମ୍ବିରାଇ ଆଦି ସମୁଦ୍ର କୂଳିଆ ଅଞ୍ଚଳରେ ପାନ ବରଜ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଏହି ବ୍ଲକର ବିଭିନ୍ନ ଗାଁ ଗଣ୍ଡାରେ ବହୁ କ୍ଷୟକ୍ଷତି ଘଟିଛି। ଷୋଳଶା, ଚାନ୍ଦମଣି, କାଳନ୍ଦା, ମଧୁପୁରା ଓ ପାଣ୍ଡୁ ସମେତ ଖାଲମୁହାଣି, ଗୁନାପୁର, କୁମ୍ଭାରୀ, କୁଦମାନସିଂ ଆଦି ଗହୀର ଜମି ବର୍ଷା ପାଣିରେ ବୁଡି ରହିଛି। ଧାନ ଗଛର କେଣ୍ଡା ଗୁଡିକ ପାଣିରେ ବୁଡିଥିବାରୁ ଏଥିଲାଗି ଶାରଦ ଧାନ ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ମଧୁପୁରା ପଞ୍ଚାୟତ ୨ ନମ୍ବର ୱାର୍ଡର ସରୋଜ ପାତ୍ରଙ୍କର ପାରୁଲିଆ ଛକଠାରେ ଥିବା ମାଟି ଘର ଶୁକ୍ରବାର ଲଗାଣ ବର୍ଷାରେ ଭାଙ୍ଗିପଡିଛି। ଅପର୍ଣ୍ଣା ପାତ୍ରଙ୍କ ଏକ ବଖରା ମାଟି ଘର ଭାଙ୍ଗି ମାଟିରେ ମିଶିଛି। ଅସ୍ତି ପଞ୍ଚାୟତ ବଡାପାଳ ଗ୍ରାମର ପରେଶ ଚନ୍ଦ୍ର ଦେଙ୍କର ମାଟି ଘର ଭାଙ୍ଗି ମାଟିରେ ମିଶିଛି। କଣ୍ଠାବଣି ଗ୍ରାମର ସଞ୍ଜୟ ଜେନା,ଗଗନବିହାରୀ ପାତ୍ରଙ୍କର ଘରର ନଡା ଛପର ଉଡିଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ଲୋକେ ପଲିଥିନ ଟାଣି ନାହିଁ ନ ଥିବା ଦୁର୍ଦ୍ଦଶାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ କୌଣସି ସରକାରୀ ସହାୟତା ମିଳିନାହିଁ। ସର୍ଭେ କରାଯାଇ କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ସହାୟତା ପ୍ରଦାନ କରାଯିବ ବୋଲି ବାଲିଆପାଳ ବିଡିଓ ମିନତୀ ଜଗଦେବ କହିଛନ୍ତି।



ବାଲିଆପାଳ ବ୍ଲକ୍‌ରେ ଭାଙ୍ଗି ପଡ଼ିଥିବା ଏକ ମାଟି ଘର।

## ବିପଦ ଟଳିଛି, ଦୁର୍ଦ୍ଦଶା ବଢ଼ିଛି

**ରୂପ୍‌ସା/ବସ୍ତା, ୧୩।୧୦(ଡି.ଏନ.ଏ.)**

'ତିତ୍‌ଲି'ର ପରବର୍ତ୍ତୀ ପରିସ୍ଥିତି ସମସ୍ତଙ୍କୁ ଦୁର୍ଦ୍ଦଶା ଆଣି ଦେଇଛି। ୩ଦିନ ବ୍ୟାପୀ ପ୍ରବଳ ବର୍ଷା ଲାଗି ରହିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁ ଜଳକା, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବଢ଼ିବାରେ ଲାଗଛି। ବାଲେଶ୍ୱର ଜିଲା ସଦର ଓ ବସ୍ତା ବ୍ଲକର ହଜାର ହଜାର ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହିଛି। ଅପରପକ୍ଷେ ବସ୍ତା ବ୍ଲକ ମଥାନୀଠାରେ ଜଳକା ନଦୀ ବିପଦ ସଙ୍କେତ ୫.୫ମି. ଥିବାବେଳେ ଏହା ଶନିବାର ସନ୍ଧ୍ୟା ସୁଦ୍ଧା ୬.୭୪ମି. ଉପରେ ପ୍ରବାହିତ ହେଉଛି। ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ରାଉତପଡ଼ା ପଞ୍ଚାୟତର ୬ନଂ, ୭ନଂ ଓ ୮ନଂ ୱାର୍ଡ଼ ସମେତ ଦୁଧହଂସା ପଞ୍ଚାୟତର ମହତାସାହି, ଦନ୍ତିକାପାଳ, ବିନ୍ଧାଣିସାହି, ପାଇକପଡ଼ା, ଗୋଠଗଡ଼ିଆ, ଆଦିବାସୀସାହିରେ ବନ୍ୟାଜଳ ପ୍ରବେଶ କରିଛି। ଉଭୟ ପଞ୍ଚାୟତର ପ୍ରାୟ ୧୫୦ ପରିବାର ପାଣି ଘେରରେ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପତ୍ରଝଡା, ଦରଡା, କୁଡ଼ିଆ, ବାହାର୍ଦ୍ଦା ପଞ୍ଚାୟତ ମଧ୍ୟ ପାଣି ଘେରରେ ରହିଛି। ବନ୍ୟା ଯୋଗୁ ଗାନ୍ଧିଛକ ବାଲିଆପାଳ ରାସ୍ତାର ପେଜଗଳା ଚଟାଣ, ବସ୍ତା ବଜାର ଗାନ୍ଧିଛକ ରାସ୍ତାର ବସ୍ତା ଚଟାଣ, ବାହାର୍ଦ୍ଦା-ମଥାନୀ ମଧ୍ୟରେ ବାହାର୍ଦ୍ଦା ଚଟାଣରେ ବନ୍ୟାଜଳ ପ୍ରବାହିତ ହେଉଛି। ସୁନ୍ଦରହତା ଗ୍ରାମରୁ ୬୦ନଂ ଜାତୀୟ ରାଜପଥକୁ ସଂଲଗ୍ନ କରୁଥିବା ଓ ଜାତୀୟ ରାଜପଥରୁ ରାଉତପଡା ଯାଇଥିବା ଫୁଲାଡ଼ି ରାସ୍ତାରେ ୩ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ନିଧିପଣ୍ଡା-ପରିକ୍ଷୀ ରାସ୍ତାର ନିଧିପଣ୍ଡା ରେଳବ୍ରିଜ୍ ଠାରେ ଓ ପରିକ୍ଷୀ-ବାଲେଶ୍ୱର ରାସ୍ତାର ବାଲିଘାଟଠାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବିଚ୍ଛିନ୍ନ ରହିଛି। ରାଉତପଡ଼ା ବିଦ୍ୟାଧର ପୋଖରୀଠାରେ ଥିବା ଭରଡ଼ାପାଳ ସେତୁ ବନ୍ୟାଜଳରେ ବୁଡ଼ି ଯାଇଥିବାରୁ ଗମନାଗମନ ବନ୍ଦ ରହିଛି। ଗଡ଼ପଦା, ରାଉତପଡ଼ା, ନଗ୍ରମ, ଓଡ଼ଙ୍ଗୀ, ଫୁଲାଡ଼ି, ମଥାନୀ ପଞ୍ଚାୟତରେ ବନ୍ୟା ଜଳରେ ଚାଷଜମି ବୁଡ଼ି ରହିଛି।



ଭରଡ଼ାପାଳ ସେତୁ ଉପରେ ୩ଫୁଟ୍ ଉଚ୍ଚର ବନ୍ୟାଜଳ।

ସଦର ବ୍ଲକର ୬୦ନଂ. ଜାତୀୟ ରାଜପଥରୁ ରାସ୍ତାର ପଳାସିଆ ଗ୍ରାମ ସଡ଼କରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି।

ଖବରପାଇ ଅତିରିକ୍ତ ତହସିଲଦାର ମୋହିନ କୁମାର ନାୟକ, ଆରଆଇ ସୁବ୍ରତ ଦେ ଓ ତହସିଲ କର୍ମଚାରୀ ଗାଁରେ ପହଞ୍ଚି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଉତପଡ଼ା ପଞ୍ଚାୟତ କଂଗ୍ରେସ ତରଫରୁ ଯୁବନେତା ଅସୀମ ଦାସ, ୱାର୍ଡ଼ସଭ୍ୟ ମନୋରଞ୍ଜନ ମହାନ୍ତି ଓ ଗୋକୁଳ ଜେନା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବନ୍ୟାବିପନ୍ନ ପରିବାରଙ୍କୁ ଚୂଡ଼ା, ଚିନି, ବିସ୍କୁଟ ଆଦି ବଣ୍ଟନ କରାଯାଇଛି। ସେହିପରି ଦୁଧହଂସା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଜଳବନ୍ଦୀ ପରିବାରଙ୍କୁ ରିଲିଫ ଦିଆଯାଇଛି।

## କାଂଶବାଂଶରେ ବନ୍ୟା: ଭାଙ୍ଗିଲା ଶତାଧିକ ଘର



ସିମୁଲିଆ ଅଞ୍ଚଳରେ ବନ୍ୟା ଜଳରେ ପଶି ଲୋକେ ଯାତାୟାତ କରୁଛନ୍ତି।

**ସୋର/ସିମୁଲିଆ, ୧୩।୧୦(ଡି.ଏନ.ଏ.)**

୩ ଦିନ ଧରି ଲଗାଣ ବର୍ଷା ଯୋଗୁଁ କାଂଶବାଂଶ ଓ ପିତାକାଳିଆ ନଦୀରେ ବନ୍ୟାଜଳ ଆସି ବହୁ ଅଞ୍ଚଳକୁ ଜଳମଗ୍ନ କରିଛି। ଏଥିଯୋଗୁ ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ସମେତ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଦେଢଶହରୁ ଅଧିକ ମାଟିଘର ବର୍ଷା ଓ ବନ୍ୟା ପ୍ରଭାବରେ ଭୁଶୁଡି ପଡିଛି। ଗ୍ରାମ୍ୟରାସ୍ତା ଓ ଚାଷ ଜମିରେ ପାଣିରେ ବୁଡି ରହିଛି। ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ କମରପୁର, ରାଇପୁର, ବରଫକଳ ଛକ, ଖରିଦା, ଟ୍ରେଜେରୀ କଲୋନୀ, ପଠାଣମହଲା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ମ୍ୟୁନିସପାଲଟିର ବିଭିନ୍ନ ୱାର୍ଡ଼ରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ପରିସ୍ଥିତି ଗମ୍ଭୀର ରୂପ ନେଇଛି।

୧୬ ନମ୍ବର ଜାତୀୟରାଜପଥରେ ସଙ୍କୀର୍ଣ୍ଣ ପୋଲ ଥିବାରୁ ଉଦ୍‌ବୃତ୍ତ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ଉତ୍ତରେଶ୍ୱର, ଆଇସଫ୍ୟାକ୍ଟ୍ରି ଛକ, ଈଶ୍ୱରପୁର, ବଡଖୁରୀ, ଦହିସଡ଼ା ଆଦି ଗ୍ରାମ୍ୟ ରାସ୍ତାରେ ପାଣି ଜମିରହିଛି। ସେହିପରି ତଳନଗର, ସବିରା, ସାଜନପୁର ଆଦି ପଞ୍ଚାୟତର ରାସ୍ତା ପାଣିରେ ବୁଡ଼ି ରହିଥିବା ବେଳେ କେତେକ ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିଯାଇଛି। ତଳିଆ ଅଞ୍ଚଳ ମଧ୍ୟରେ ଅନନ୍ତପୁର, ଗୁଡ଼୍, ଟେଣ୍ଟେଇ, ପାଖର ପଞ୍ଚାୟତରେ ଚାଷ ଜମିରେ ବନ୍ୟାଜଳ ଲହଡି ଭାଙ୍ଗୁଛି। ରାସ୍ତାଘାଟ ପାଣିରେ ବୁଡିଥିବା ବେଳେ କେତେକ ଅଞ୍ଚଳରେ ଘରେ ପାଣି ପଶିଛି। ସବିରା ପଞ୍ଚାୟତର ସୁନାରୀ ଗଳାପୋଲ ପାଣିରେ ବୁଡ଼ିରହିଥିବାରୁ ଚାଳିଷିମାଡ, ଦାଣ୍ଡପଳସା, ତରାଙ୍ଗ ଆଦି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ସୋର ତହସିଲଦାର ଦେବୀପ୍ରସନ୍ନ ଦାଶ, ବିଡ଼ିଓ ଚାଲର୍ସ୍ ନାୟକ ଶନିବାର ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନ କରି ଫେରିଛନ୍ତି। ୧୫୦ ମାଟି ଘର ଭାଙ୍ଗି ପଡିଥିବା ଅଭିଯୋଗ ହୋଇଥିବା ବେଳେ ୩୭ଟି ଘରକୁ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ଗୋପିନାଥପୁର, ମୂଳିସିଂ, ସାଜନପୁର, ସବିରା, ତଳନଗର, ପାଖର,ଟେଣ୍ଟେଇ ଆଦି ପଞ୍ଚାୟତରେ ମଧ୍ୟ କେତେକ ମାଟି ଘର ଭାଙ୍ଗିପଡିଛି। କାଂଶବାଂଶ ନଦୀରେ ଜଳର ଚାପ ଯୋଗୁ ସିମୁଳିଆ ବ୍ଲକ କହ୍ନେଇବିନ୍ଧା ପଞ୍ଚାୟତର ବାଙ୍କପାଟଣା ନିକଟରେ ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ସାଳନ୍ଦୀ ଇରିଗେଶନ ପକ୍ଷରୁ ବାଲି ବସ୍ତା ପକାଯାଇ ମରାମତି କରାଯାଇଛି। ବନ୍ୟାଜଳ ନଦୀ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରବେଶ କରିବା ଯୋଗୁ ଗମନାଗମନରେ ବାଧା ସୃଷ୍ଟି ହୋଇଛି। ଏହି ନଦୀ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକ ମଧ୍ୟରେ ବାଙ୍କପାଟଣା, ହରସିଂହପୁର, କବୀରପୁର, କ୍ଷୀରକୋଣା, ନହରପଦା, ବରିହା, ବାଉରିପଦା ଆଦି ଅଞ୍ଚଳର ରାସ୍ତା ଓ ଚାଷଜମି ଜଳଘେରରେ ରହିଛି। ଗାଈଗୋରୁ ଗତ ୩ଦିନ ହେଲା ପଦାକୁ ବାହାରି ପାରି ନାହାନ୍ତି। ସେହିପରି ରାଜପଥ ପାର୍ଶ୍ୱ ନୟନଯୋରି ପୋତି ହୋଇପଡ଼ିବା ସହ ବିଭିନ୍ନ ଜବରଦଖଲକାରୀଙ୍କ କବ୍‌ଜାରେ ଥିବାରୁ ବିଭିନ୍ନ ଅଞ୍ଚଳର ରାସ୍ତାଘାଟ ମଧ୍ୟ ବୁଡ଼ି ରହିଛି।



ସୋର ସବିରା ଗଳାପୋଲ ରାସ୍ତାରେ ପାଣି।



ରେମୁଣା ପଞ୍ଚାୟତର ଏକ ଗାଁ ଜଳମଗ୍ନ।

## ରେମୁଣାର ୧୬ ପଞ୍ଚାୟତ ପ୍ରଭାବିତ

**ରେମୁଣା, ୧୩।୧୦(ଡି.ଏନ.ଏ.)**

'ତିତ୍‌ଲି' ପ୍ରଭାବରେ ଲଗାଣ ବର୍ଷା ଯୋଗୁ ରେମୁଣା ବ୍ଲକର ୧୬ ପଞ୍ଚାୟତ ପ୍ରଭାବିତ ହୋଇଛି। ଏନେଇ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟରେ ସ୍ଥିତିର ସମୀକ୍ଷା କରାଯାଇଛି। ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପଞ୍ଚାୟତ କର୍ମଚାରୀ, ଆରଆଇଙ୍କୁ ସତର୍କ ରହିବାକୁ କୁହାଯାଇଛି। କୌଣସି ପ୍ରକାର ବିପଦକୁ ଏଡାଇବା ପାଇଁ ପ୍ରଶାସନ ଉଦ୍ୟମ କରୁଥିବା ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ କହିଛନ୍ତି।

ରେମୁଣା ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ସୋନ, ଗଙ୍ଗାହର ଏବଂ ବୁଢ଼ାବଳଙ୍ଗ ନଈ ଉଚ୍ଛୁଳା ପଡିଛି। ସନ୍ଧ୍ୟା ସୁଦ୍ଧା ୧୬ ପଞ୍ଚାୟତର ଶହେରୁ ଅଧିକ ଗାଁରେ ବଢ଼ିପାଣି ପଶିଥିବା ଖବର ମିଳିଛି। ସକାଳଠାରୁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ସୁଧା ଦୁର୍ଗାଦେବୀ, ଗୁଡୁଦାପାଟଣା, ପତ୍ରିପାଳ, ବଡପାଳ, ନିଜାମପୁର, କଲ୍ୟାଣପୁର, ହରିପୁର, ଦହପଡା, ଚଷାଖଣ୍ଡ, ନରହରିପୁର, ବିରୁଆଁ, ମଙ୍ଗଳପୁର, ମନ୍ଦାରପୁର, ନୂଆପାଢ଼ୀ, ଶେରଗଡ, ନୂଆଗାଁ ଆଦି ପଞ୍ଚାୟତର ବିଲବାଡି ସହିତ ଅନେକ ଗାଁକୁ ବଢ଼ି ପାଣି ମାଡି ଯାଇଛି। ବ୍ଲକ ଚେୟାରମ୍ୟାନ ସୁଶାନ୍ତ କୁମାର ପଟ୍ଟନାୟକ, ବିଡିଓ ସଞ୍ଜୟ କୁମାର ରାଉତ, ଭାରପ୍ରାପ୍ତ ତହସିଲଦାର ଆନନ୍ଦିତା ଆଚାର୍ଯ୍ୟ ପ୍ରମୁଖ ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରି ପରିସ୍ଥିତିର ଆକଳନ କରିଛନ୍ତି। ଖରିଦମୁଖୁରା ପଞ୍ଚାୟତର ତଡପ ଗାଁ ପାଣିଘେରରେ ରହିଛି। ବଢ଼ି ପାଣି ନିଷ୍କାସନ ପାଇଁ ଲୋକେ ରାସ୍ତା କାଟି ଦେବାରୁ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ୨୫ରୁ ଊର୍ଦ୍ଧ୍ୱ ପରିବାର ପାଣି ଘେରରେ ରହିଛନ୍ତି। କେତେକ ଲୋକ ସ୍ଥାନୀୟ ସ୍କୁଲରେ ଆଶ୍ରୟ ନେଇଛନ୍ତି। ଶେରଗଡ ପଞ୍ଚାୟତର ବାଉଁଶମୁହାଁ ଗାଁର ୩୫ଜଣଙ୍କୁ ପଞ୍ଚାୟତ ଅଫିସରେ ରଖାଯାଇ ଚୂଡା, କଦଳୀ ଏବଂ ଗୁଡ ପ୍ରଦାନ କରାଯାଇଛି।

## କାଠପୋଲ ଉପରେ ଆଣ୍ଠୁଏ ବନ୍ୟାଜଳ

**ବାହାନଗା, ୧୩।୧୦(ଡି.ଏନ.ଏ.)**

ତିତଲି ପ୍ରଭାବରେ ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଛି। ଅଭଣା ଗ୍ରାମ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ଢେଉ ଖେଳୁଥିବା ବେଳେ କାଂଶବାଂଶ ନଦୀର ଜଳପତ୍ତନ ବୃଦ୍ଧି ପାଇଛି। ଚିତ୍ତଳ ପଞ୍ଚାୟତ ଦେଇ ଯାଇଥିବା ବାସୁଦେବପୁର-ବାଲେଶ୍ୱର ସଲ୍ଟ ରୋଡର ବାଲିକ୍ ତିରଣ ଗ୍ରାମ ନିକଟରେ ଥିବା କାଠପୋଲ ଉପରେ ଆଣ୍ଠୁଏ ଉପରେ ପାଣି ପ୍ରବାହିତ ହେଉଛି। ଫଳରେ ଅନନ୍ତପୁରରୁ ଗୋପାଳପୁର ଓ ବାସୁଦେବପୁରରୁ ବାଲେଶ୍ୱରକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଛି। ଉପରମୁଣ୍ଡରୁ କାଂଶବାଂଶ ନଦୀର ବନ୍ୟାଜଳ ସମୁଦ୍ରକୁ ଆସିଥାଏ। ମାତ୍ର ବହୁମାତ୍ରାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବାଲିକତିରଣ, ଖରାସାହାପୁର, ବାଉଁଶଆଡିଆ, ପାଟିମୁଣ୍ଡା, ଅଠିଲାବାଜ, ବାଉଁଶଆଡିଆ ଓ ଅଭଣା ଆଦି ଗ୍ରାମରେ ଥିବା ହଜାର ହଜାର ଏକର ଚାଷଜମିରେ ବନ୍ୟାଜଳ ପ୍ରବାହିତ ହେଉଛି। ଧାନ ଗଛରେ ଥୋଡ ବାହାରି ପଡିଥିବାରୁ ତାହା ବନ୍ୟାପାଣିରେ ବୁଡି ରହି ନଷ୍ଟ ହେବାକୁ ବସିଛି। ଯାହାକି ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ସେହି ବନ୍ୟାପାଣି ଅଭଣା ଗ୍ରାମ ରାସ୍ତାରେ ପ୍ରବାହିତ ହୋଇ ଲୋକଙ୍କ ଘର ଭିତରକୁ ପଶିଯାଇଛି। ବରିପଦା ଗ୍ରାମରେ ମଧ୍ୟ କେତେକ ଲୋକଙ୍କ ଘରେ ବନ୍ୟାଜଳ ପଶିଯିବାରୁ ଗ୍ରାମର କମଳାକାନ୍ତ ମଳିକ, ବିଜି ମଳିକ ଓ ଅନ୍ୟ ୨ ଜଣଙ୍କ ଘର ଭାଙ୍ଗିଯାଇଛି। କରଞ୍ଜାବିନ୍ଧା ଗ୍ରାମର ମାଟିଆ ଯେନା, ବିଶ୍ୱନାଥ ଯେନା, ରକ୍ମଣି ଯେନା, ହରେକୃଷ୍ଣ ଯେନା ଓ ସୁରେନ୍ଦ୍ର ଦାସ ପ୍ରମୁଖଙ୍କ ଘର ଭୁଶୁଡି ପଡିଛି। କ୍ଷତିଗ୍ରସ୍ତ ପରିବାର ବାହାନଗା ତହସିଲଦାରଙ୍କଠାରେ ସହାୟତା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। କଲ୍ୟାଣି ପଞ୍ଚାୟତର ଗିଲିଦା ଗ୍ରାମରେ ବନ୍ୟାଜଳ ପ୍ରବାହିତ ହୋଇ ଲୋକଙ୍କ ଘର ଭିତରେ ପାଣି ପଶିଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ଉକ୍ତ ଗ୍ରାମରେ ପହଞ୍ଚି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ସହ ସେମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିଛନ୍ତି। ଆପିତିରା ଗ୍ରାମରେ ମଧ୍ୟ କେତେକ ଘରେ ବନ୍ୟାଜଳ ପଶିଯାଇଛି। ପ୍ରଶାସନ ତରଫରୁ ଚାଷଜମିକୁ ଦେଖିବା ପାଇଁ କୌଣସି ଅଧିକାରୀ ଆସି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



ଚିତ୍ତଳ ପଞ୍ଚାୟତର ବାଲିକତିରଣ କାଠ ପୋଲ ଉପରେ ଲୋକମାନେ ଭାର କରି ମୋଟରସାଇକେଲ ନେଉଛନ୍ତି।

**ସଂକ୍ଷେପରେ**

## ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ିଲା

**ବନ୍ତ,୧୩।୧୦(ସ୍ୱ.ପ୍ର.):** ଲଗାଣ ବର୍ଷାରେ ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ଥାନା ଅଧୀନ କୁଳିପଦୀ ଗ୍ରାମର ଚନ୍ଦ୍ରମଣି ଦାସ, ଗୋପୀନାଥ ଦାସ ଓ ଶରତ ରାଉତଙ୍କ ଘରର ମାଟିକାନ୍ଥ ଭୁଶୁଡ଼ି ପଡ଼ିଛି। ଚଳିତବର୍ଷ ଅବିଶ୍ରାନ୍ତ ବର୍ଷା ଲାଗି ରହିବାରୁ ଘରର ଚାଳ ଛପର ପଚି ନଷ୍ଟ ହୋଇଯାଇଛି। ବର୍ଷା ପାଣି ପଡ଼ି କାନ୍ଥରୁ ମାଟି ଧୋଇଯାଇ କାନ୍ଥ ଭାଙ୍ଗି ପଡ଼ିଥିବା ସେମାନେ କହିଛନ୍ତି। ଚାଳ ଉପରେ ପଲିଥିନ ଟାଣି ପରିବାର ଲୋକେ ବସବାସ କରୁଛନ୍ତି। ସେହିପରି ରାଉତରାପୁର ଗ୍ରାମର ସୁଦର୍ଶନ ସାହୁଙ୍କ ଘର କାନ୍ଥ ଭୁଶୁଡ଼ି ଯାଇଛି।

## ଭାଜପାର ମିଶ୍ରଣ ପର୍ବ

**ତିହିଡ଼ି,୧୩।୧୦(ଡି.ଏନ.ଏ.):** ତିହିଡି ବ୍ଲକ ବାରସର ପଞ୍ଚାୟତରେ ଭାଜପା ଲଙ୍କେଶ୍ୱରୀ ମଣ୍ଡଳ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଶିକାନ୍ତ ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ମୁଖ୍ୟଅତିଥି, ଶରତ ଦାସ, ଦୁର୍ଗାଚରଣ ନାୟକ, ରଘୁନାଥ ପାତ୍ର, ମୁକ୍ତିକାନ୍ତ ନାୟକ, ପ୍ରଫୁଲ୍ଲ ପାଢୀ, କହ୍ନେଇ ଦାସ ଓ ପ୍ରଦୀପ ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମଣ୍ଡଳ ଉପସଭାପତି ରାଜାରାମ ମହାକୁଡଙ୍କ ନେତୃତ୍ୱରେ ବୁଧିରାମ ମହାଳିକ, ଅଜୟ ଦାସ, ପୀତାମ୍ବର ଦାସ, ବିକାଶ ଦାସ, ପ୍ରଭାକର ମଲିକ, ଦଶରଥ ମଲିକ, ଗଜେନ୍ଦ୍ର ମଲିକ, ସୀତାକାନ୍ତ ମଲିକ, ଫକୀର ମହାଳିକ, ପଦ୍ମନାଭ ମହାଳିକ, ମନୋରଞ୍ଜନ ମହାଳିକ, ପଞ୍ଚାନନ ମହାଳିକ, ଭରତ ବେହେରା, ପ୍ରସନ୍ନ ମହାପାତ୍ର ପ୍ରମୁଖ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଦୀନବନ୍ଧୁ ମହାକୁଡ, ପ୍ରତାପ ଦାସ, ନିରଞ୍ଜନ ବାରିକ, ରମେଶ ବାରିକ ଓ ଦୋଳଗୋବିନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚିତ୍ରାଙ୍କନରେ ଶକ୍ତି ସଂରକ୍ଷଣ ସଚେତନତା

**ଭଣ୍ଡାରିପୋଖରୀ, ୧୩।୧୦ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ବଳଦେବଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଶକ୍ତି ସଂରକ୍ଷଣ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। 'ଶକ୍ତି ସଞ୍ଚୟ ଓ ରାଷ୍ଟ୍ରର ସୁରକ୍ଷା' ଶୀର୍ଷକ ପ୍ରତିଯୋଗିତାରେ ବିଦ୍ୟାଳୟର ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୌର ପବନ ଓ ଶକ୍ତିର ଦୀର୍ଘସ୍ଥାୟୀ ଉପଯୋଗ ଉପରେ ଛାତ୍ରୀଛାତ୍ର ଚିତ୍ର ମାଧ୍ୟମରେ ବାର୍ତ୍ତା ଦେଇଥିଲେ। ଏଥିରେ ସଞ୍ଜୟ ଓଝା ୧ମ, ନିତ୍ୟଶ୍ରୀ ବେହେରା ୨ୟ ଓ ପୂର୍ଣ୍ଣିମା ଦାଶ ୩ୟ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ଶକ୍ତି ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଣ୍ଟିଘାଇ ଏସ୍କେପ୍ ବୁଡ଼ାଇଲା ଚାଷଜମି


ଜିଲାପାଳ ଜ୍ଞାନରଞ୍ଜନ ଦାସ ଆଖୁଆପଦା ନିକଟରେ ବନ୍ୟା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

- ବିପଦସଙ୍କେତ ଉର୍ଦ୍ଧ୍ୱରେ ବୈତରଣୀ
- ବର୍ଷା କମିବାରୁ ହ୍ରାସ ପାଉଛି ଜଳସ୍ତର
- ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ

**ଭଣ୍ଡାରିପୋଖରୀ, ୧୩।୧୦ (ଡି.ଏନ.ଏ.)**

ତିତ୍‌ଲି ବାତ୍ୟାଜନିତ ପ୍ରଭାବ ଯୋଗୁ ପ୍ରବଳ ବର୍ଷା ହେବାରୁ ବୈତରଣୀରେ ବନ୍ୟା ସ୍ଥିତି ଗମ୍ଭୀର ରୂପ ନେଇଛି। ଶୁକ୍ରବାର ରାତି ୧୨ଟା ୪୦ରୁ ବୈତରଣୀରେ ବନ୍ୟାଜଳ ବିପଦସଙ୍କେତ ଅତିକ୍ରମ କରି ପ୍ରବାହିତ ହେଉଛି। କଣ୍ଟିଘାଇ ଏସ୍କେପ ଦେଇ ବନ୍ୟାଜଳ ଭଦ୍ରକ ଜିଲା ପଟେ ପଶିବାରୁ ଭଣ୍ଡାରିପୋଖରୀ ବ୍ଲକର ନଦୀକୂଳବର୍ତ୍ତୀ ବହୁ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଓଡ୍ରାଫ ଟିମ୍ ସଜାଗ ରହିଛି। ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ, ଭଣ୍ଡାରିପୋଖରୀ ବିଡିଓ ବନମାଳୀ ତରାଇ, ତହସିଲଦାର ପ୍ରଣୟ କୁମାର ଜେନା, ଆଖୁଆପଦା ଆନିକଟ ସହକାରୀ ନିର୍ବାହୀଯନ୍ତ୍ରୀ ଶଙ୍କର୍ଷଣ ବେହେରା, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଅଜୟ କୁମାର ସ୍ୱାଇଁ ପ୍ରମୁଖ ଶନିବାର ଆଖୁଆପଦା ଆନିକଟଠାରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଓ ଏବଂ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ କଣ୍ଟିଘାଇ ଏସ୍କେପ ପରିଦର୍ଶନ କରି ଫେରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବୈତରଣୀର ବିପଦସଙ୍କେତ ୧୭.୮୩ ମିଟର। ଶୁକ୍ରବାର ରାତିରେ ଜଳସ୍ତର ବିପଦସଙ୍କେତ ଅତିକ୍ରମ କରି ଶନିବାର ସକାଳ ୫ଟା ସୁଦ୍ଧା ୧୮.୦୩ ମିଟରରେ ପ୍ରବାହିତ ହୋଇଥିଲା। ସକାଳ ୯ଟା ପରେ ବନ୍ୟାଜଳ କ୍ରମଶଃ ହ୍ରାସ ପାଇ ଅପରାହ୍ନ ୩ଟାରେ ୧୭.୮୮ ମିଟରରେ ପହଞ୍ଚିଥିବା ଜଣାପଡ଼ିଛି। କଣ୍ଟିଘାଇ ଏସ୍କେପ ଦେଇ ବନ୍ୟାଜଳ ନିଷ୍କାସିତ ହେବାରୁ ଏହି ବ୍ଲକର ମଣିନାଥପୁର, ମାଳଦା, ଜଳହରି, ରହଣିଆ, କୁରିଗାଁ ପଞ୍ଚାୟତର ଷଠଗାଁ, ବିରୋଳୀ, ତିଖିଲିଆ ଆଦି ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଷୋଳମପୁର ପଞ୍ଚାୟତର ତିଖିଲିଆ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ବନ୍ୟାପାଣିର ସୁଅ ଚାଲିଛି। ତିଖିଲିଆ ଗ୍ରାମକୁ ଯିବା ପାଇଁ ଥିବା ମୁଖ୍ୟରାସ୍ତା ଉପରେ ହ୍ୟୁମପାଇପ କଲଭର୍ଟ ପୂର୍ବରୁ ଧୋଇଯାଇଥିବାରୁ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଆଖୁଆପଦା ସହକାରୀ ନିର୍ବାହୀଯନ୍ତ୍ରୀ ବେହେରା ଓ ଯାଜପୁର ଜଳସମ୍ପଦ ନିର୍ବାହୀଯନ୍ତ୍ରୀ ସାମଲ କହିଛନ୍ତି ଯେ, ତିତ୍‌ଲି ପ୍ରଭାବଜନିତ ବର୍ଷା ଶନିବାର ହ୍ରାସ ପାଇଛି। ଫଳରେ ବନ୍ୟା ସ୍ଥିତିରେ ସୁଧାର ଆସୁଛି। ଉପରମୁଣ୍ଡରେ ହୋଇଥିବା ବର୍ଷାଜଳ ସମୁଦ୍ରକୁ ନିଷ୍କାସିତ ହୋଇଗଲେ ଆଉ ବନ୍ୟା ସ୍ଥିତି ରହିବ ନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ଆଖୁଆପଦାରେ ୨୭.୮ ମିମି, ଆନନ୍ଦପୁରରେ ୭୭.୬, ସ୍ୱାମପାଟଣାରେ ୬୨.୨, କେନ୍ଦୁଝରରେ ୪୩.୮, ଠାକୁରମୁଣ୍ଡାରେ ୯୩.୦, ଚମ୍ପୁଆରେ ୧୯.୮ ଓ ଯାଜପୁରରେ ୮୪.୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।


ଭଣ୍ଡାରିପୋଖରୀ ତିଖିଲିଆ ଗ୍ରାମ ରାସ୍ତାରେ ବନ୍ୟାପାଣି।


ଆରଡି ଆଖଣ୍ଡଳମଣି ପୀଠରେ ଶନିବାର ମା' ଦୁର୍ଗାଙ୍କ ସରସ୍ୱତୀ ବେଶ।

## ଚୋରା କୋଇଲା ଜବତ, ଜଣେ ଗିରଫ

**ପଦ୍ମପୁର,୧୩।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡି ପୋଲିସ ଶନିବାର ଚୋରା କୋଇଲା ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ଶନିବାର ମଧ୍ୟାହ୍ନରେ ବ୍ରହ୍ମପୁର ପୋଖରୀଆଡି ସାହିର ଦାଶରଥୀ ଦାସ ଏକ ଲୁନାରେ ଚୋରା କୋଇଲା ବସ୍ତା ନେଇ ସାବରଙ୍ଗ ବଜାର ଆଡକୁ ଯାଉଥିଲେ। ଖବର ପାଇ ସାବରଙ୍ଗ ଫାଣ୍ଡି କନଷ୍ଟେବଲ ଗଗନ କୁମାର ସେନ ଓ ଭୀମ ସେନ ସିଂ ବାଇକ୍‌ରେ ଦାଶରଥୀଙ୍କୁ ପିଛା କରି ଭାଟିଆ ଫାର୍ମ ନିକଟରେ ତାଙ୍କୁ ଧରିଥିଲେ। ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ କୋଇଲା ଜବତ କରିଥିଲା। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୪୯୯/୧୮) ରୁଜୁ କରାଯାଇଛି। ରବିବାର ଦାଶରଥୀଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

# ରାସ୍ତା ଉପରେ ବର୍ଷାପାଣି ସୁଅ


ବାଙ୍କତିରା-ସରମରା ରାସ୍ତାରେ ବର୍ଷାପାଣି।

**ବନ୍ତ,୧୩।୧୦(ସ୍ୱ.ପ୍ର.)**

ତିତ୍‌ଲି ପ୍ରଭାବରେ ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲା ବନ୍ତ ବ୍ଲକର ବାଙ୍କତିରା-କାଦବରାଙ୍ଗ ଭାୟା ତୁମ୍ବାପଦି ରାସ୍ତା ଉପରେ ପାଣି ସୁଅ ଚାଲିଛି। ଫଳରେ ଏହି ରାସ୍ତାରେ ଯାତାୟତ ଏକ ପ୍ରକାର ଠପ୍ ହୋଇଯାଇଛି। ଦୀର୍ଘବର୍ଷ ଧରି ମରାମତି ଅଭାବରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏନେଇ ବାରମ୍ବାର ପଞ୍ଚାୟତଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କଲେ ମଧ୍ୟ ରାସ୍ତାର ଭାଗ୍ୟ ବଦଳୁ ନ ଥିବା କୁହାଯାଇଛି। ଏହି ରାସ୍ତା ବାଙ୍କତିରା ପାଖ କାଦବରାଙ୍ଗ ଓ ସରମରା ପାଖ ଓଡ଼ଙ୍ଗ ପଞ୍ଚାୟତ ଅଧୀନରେ ରହିଛି। ଦୁଇ ପଞ୍ଚାୟତକୁ ଏହି ରାସ୍ତା ସଂଯୋଗ ହୋଇଥିଲେ ମଧ୍ୟ କୌଣସି ପଞ୍ଚାୟତ ପକ୍ଷରୁ ରାସ୍ତା ତିଆରି ପାଇଁ ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍କୁଲ କଲେଜ ଛାତ୍ରୀଛାତ୍ର ଆଣ୍ଠୁଏ ପାଣିରେ ଯିବା ଆସିବା କରନ୍ତି। ସେହିପରି ବଡ ବର୍ଚ୍ଛିକୟାଁ ଗ୍ରାମରୁ ଆଗରପଡ଼ା-ବରପଦା ରାସ୍ତାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପାଣିରେ ବୁଡ଼ି ରହିଛି।

## ନାଳରେ ପଡ଼ି ବୃଦ୍ଧ ମୃତ

**ଆରଡ଼ି,୧୩।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ରଇପୁର ପଞ୍ଚାୟତ କାଠମୁଣ୍ଡା ଗ୍ରାମର ନୀଳମଣି ପଲାଇ(୭୮) ଶନିବାର ଅପରାହ୍ନରେ ନାଳରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ଗୋରୁ ଆଣିବାକୁ ବିଲକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ମୃତଦେହ ବିଲ ନିକଟସ୍ଥ ଏକ ନାଳରେ ଭାସୁଥିବା ଦେଖିଥିଲେ। ଖବର ପାଇ ଧୁଷୁରୀ ଥାନା ପୋଲିସ ପହଞ୍ଚି ନାଳରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୧୮) ରୁଜୁ କରାଯାଇଛି।

## ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ପଦ୍ମପୁର,୧୩।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ବିଦେଇପୁର ବଜାରରେ ମଦ ବିକ୍ରି କରୁଥିବା କମଳା ମଳିକଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ତାଙ୍କ ନିକଟରୁ ୨୯ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୨୮/୧୮) ରୁଜୁ କରାଯାଇଛି। ସେହିପରି ଫେରାର ଅଭିଯୁକ୍ତ ପାନପୁର ଗ୍ରାମର ସୁନୀଲ ନାୟକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରତିକାନ୍ତ ଗିରି ସୂଚନା ଦେଇଛନ୍ତି।

## କାଢ଼ା ନାଳରୁ ଗଳିତ ମୃତଦେହ ଉଦ୍ଧାର


ଅଠରକଡ଼ିଆ କାଢ଼ା ନାଳରୁ ମୃତଦେହ ଉଦ୍ଧାର କରାଯାଉଛି।

**ବାସୁଦେବପୁର,୧୩।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡି ରାସ୍ତାର ଗୁଆଗାଁ ପଟାପୋଲର ଉତ୍ତରଦିଗକୁ ଥିବା ଅଠରକଡ଼ିଆ କାଢ଼ା ନାଳରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ବାସୁଦେବପୁର ଥାନା ପୋଲିସ ଶନିବାର ଅପରାହ୍ନରେ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନାହିଁ। ମୃତକଙ୍କ ଅଣ୍ଟାରେ ଏକ ନାଲିଚେକ୍ ଗାମୁଛା ବନ୍ଧାଥିବାବେଳେ ସେ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିବା ଲକ୍ଷ୍ୟ କରାଯାଇଛି। ଏ ନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୯/୧୮) ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ପଟାପୋଲ ନିକଟସ୍ଥ ଅଠରକଡ଼ିଆ କାଢ଼ା ନାଳ ନିକଟରେ ଏକ ଗଳିତ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବାସୁଦେବପୁର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନାଳରୁ ମୃତଦେହ ଉଦ୍ଧାର କରିଥିଲା। ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କର ୧୦/୧୨ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ପାଇଁ ପୋଲିସ ମୃତଦେହକୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# କାଞ୍ଚନ ଗଣେଶ ଭସାଣି ଉତ୍ସବ

**ଭଦ୍ରକ ଅଫିସ,୧୩।୧୦**

ଚଳିତବର୍ଷ ନିରାଡ଼ମ୍ବର ଭାବେ ଶୁକ୍ରବାର ଭଦ୍ରକ ସହରର କୁଆଁଶ ଗ୍ରାମର ବାବା କାଞ୍ଚନ ଗଣେଶ ଭସାଣି ଉତ୍ସବ ଶେଷ ହୋଇଛି। ବିଭିନ୍ନ ଜିଲାରୁ ବହୁ ବାଦ୍ୟ ନୃତ୍ୟ ଦଳ ଉତ୍ସବରେ ସାମିଲ ହୋଇଥିଲେ। କୁଆଁଶ ବାବା କାଞ୍ଚନ ଗଣେଶଙ୍କୁ ମଣ୍ଡପରୁ ପୂଜାର୍ଚ୍ଚନା କରାଯାଇ ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ଧ୍ୱନିରେ ନେଇ କୁଆଁଶ ସାଳନ୍ଦୀ ନଦୀ ଘାଟରେ ହଜାର ହଜାର ଲୋକଙ୍କ ଗହଣରେ ବିସର୍ଜନ କରାଇଥିଲେ। ଅପରାହ୍ନ ଗୋଟାଏରୁ ଶୋଭାଯାତ୍ରା ବାହାରି ସନ୍ଧ୍ୟା ୬ଟାରେ ବିସର୍ଜନ କରାଯାଇଥିଲା। ଭସାଣି ଶୋଭାଯାତ୍ରା ପାଇଁ ପ୍ରଶାସନିକ ଅନୁମତି ମଳି ନ ଥିବାରୁ ମୂର୍ତ୍ତି ମଣ୍ଡପରୁ ସିଧା ଘାଟକୁ ନିଆଯାଇଥିଲା। ୧ ମାସ ଧରି ଏହି ପୂଜା ପାଳନ କରାଯାଇଥିଲା।

# କୁଳେଇପଦାରେ ହେବ ସାଇନ୍ସ ପାର୍କ

**ଭଦ୍ରକ ଅଫିସ,୧୩।୧୦**

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାରେ ଜିଲାସ୍ତରୀୟ ସାଇନ୍ସ ପାର୍କ ସ୍ଥାପନ ସକାଶେ ଯୋଜନା କରାଯାଇଛି। ଏହାମଧ୍ୟରେ ଭଦ୍ରକ ଜିଲା ରହିଛି। ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ଆରଡି ନିକଟସ୍ଥ କୁଳେଇପଦାରେ ଖାତା ନମ୍ବର ୪୧୮, ପ୍ଲଟ ନମ୍ବର ୧୨୭୮ର ୫ ଏକର ଜମିରେ ସାଇନ୍ସ ପାର୍କ ସ୍ଥାପନ ଲାଗି ତହସିଲଦାର ପ୍ରାଥମିକ ପର୍ଯ୍ୟାୟରେ ଜମି ଚିହ୍ନଟ କରି ଜିଲା ପ୍ରଶାସନକୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଗୁରୁବାର ଏ ସମ୍ପର୍କିତ ଏକ ରିପୋର୍ଟ ପ୍ରଦାନ କରାଯାଇଛି। ଉକ୍ତ ଗାଁ ସହର, ଷ୍ଟେଶନ ଓ ବିମାନ ରହଣି ପଡ଼ିଆଠାରୁ କେତେ ଦୂର, ବସରୁଟ୍‌ଠାରୁ କେତେ ଦୂର, ଯାତାୟାତ ସୁବିଧା ଅଛି କି ନାହିଁ, ଉକ୍ତ ଜାଗାର ସମସ୍ତ ବିବରଣୀ, ପାଣି ସୁବିଧା ଅଛି କି ନାହିଁ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ନଦୀଠାରୁ କେତେ ଦୂର, ସ୍ଥାନୀୟ ଲୋକ ଇଚ୍ଛୁକ ଅଛନ୍ତି କି ନାହିଁ ଏହିଭଳି ତଥ୍ୟ ସମ୍ବଳିତ ଏକ ରିପୋର୍ଟ ପ୍ରଦାନ କରାଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ସୂଚନା ମୁତାବକ ଏହି ରିପୋର୍ଟ ରାଜ୍ୟ ସରକାର ପାଇବା ପରେ ଏକ ବୈଷୟିକ ଟିମ୍ ଆସି ଚିହ୍ନଟ ସ୍ଥାନ ବୁଲି ଦେଖିବେ ଏବଂ ଏହାପରେ ଉକ୍ତ ଜମିରେ ସାଇନ୍ସ ପାର୍କ ସ୍ଥାପନ କରାଯିବାର ବ୍ୟବସ୍ଥା କରାଯିବ। ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଜ୍ଞାନ ଓ ବୈଷୟିକ ଜ୍ଞାନ ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ଏହି ଉଦ୍ୟମ ଆରମ୍ଭ କରିଛି। ଜିଲା ପ୍ରଶାସନର ରାଜସ୍ୱ ବିଭାଗକୁ ପ୍ରାଥମିକ ପର୍ଯ୍ୟାୟରେ ଜମି ଚିହ୍ନଟ କରି ପ୍ରସ୍ତାବ ଲାଗି ଗତ ଅଗଷ୍ଟ ୨୩ ତାରିଖରେ ନିର୍ଦ୍ଦେଶନାମା ଆସିଥିଲା।

# ୪ଶହ ବର୍ଷର ଐତିହ୍ୟ ଆକର୍ଷଣ

**ତିହିଡ଼ି,୧୩।୧୦(ଡି.ଏନ.ଏ.)**

ଦେବୀଙ୍କ ନାମ ଦେଶଦୁର୍ଗା। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ପଞ୍ଚାୟତ ବାରବାଟିଆ ଗ୍ରାମରେ ଦୀର୍ଘ ୪ଶହ ବର୍ଷ ହେଲା ମା'ଙ୍କର ଶାରଦୀୟ ପୂଜା ପାରମ୍ପରିକ ରୀତିରେ ପାଳିତ ହୋଇଆସୁଛି। ପ୍ରଥମେ ଏକ ଅଶ୍ୱତ୍ଥ ବୃକ୍ଷ ପାଖରେ ଚାଳଛପର ଘରେ ମା' ପୂଜା ପାଉଥିଲେ। ପରେ ଭବ୍ୟ ମନ୍ଦିର ତିଆରି ହୋଇଛି। ଦେଶଦୁର୍ଗାଙ୍କ ପୂଜାବିଧାନରେ ଅନେକ ସ୍ୱାତନ୍ତ୍ର୍ୟ ରହିଛି। ଦେବୀଙ୍କ ଆବିର୍ଭାବ ଓ ଅଲୌକିକ ମହିମା ସମ୍ପର୍କରେ ଅନେକ ଜନଶ୍ରୁତି ଶୁଣାଯାଏ। ପ୍ରତିମା ତିଆରି ବେଳେ ଦେବୀଙ୍କ ମୁଖା ଓ ଆକାରରେ କେବେ କୌଣସି ପରିବର୍ତ୍ତନ ଘଟି ନାହିଁ। ଅନେକ ଶିଳ୍ପୀ ପ୍ରତିମା ତିଆରି କରିଥିଲେ ବି କୌଣସି ପରିବର୍ତ୍ତନ ନ ଆସିବା ମା' ଙ୍କ ମହିମା ବୋଲି ଭକ୍ତ ଓ ଗ୍ରାମବାସୀ କହିଛନ୍ତି। ଗ୍ରାମୀଣ ପରିବେଶରେ ହେଉଥିବା ଦେଶଦୁର୍ଗାଙ୍କ ଶାରଦୀୟ ପୂଜାରେ ପରମ୍ପରା ଓ ସଂସ୍କୃତିର ମହକ ବୁଣି ପଡ଼ିଥାଏ। ଏହି ପୂଜାର ଐତିହ୍ୟ ଅଞ୍ଚଳବାସୀଙ୍କ ଲାଗି ଆକର୍ଷଣ ହୋଇରହିଛି। ମା'ଙ୍କୁ ପୂଜା କରି ମାନସିକ କଲେ ପୂରଣ ହୋଇଥାଏ ବୋଲି କୁହାଯାଏ। ଏଥିଲାଗି ପ୍ରତିବର୍ଷ ଶାରଦୀୟ ପୂଜାରେ ଏହି ପୀଠକୁ ବିଭିନ୍ନ ସ୍ଥାନରୁ ଲୋକେ ଧାଇଁ ଆସିଥାନ୍ତି। ଏହି ଅବସରରେ ଭଜନକୀର୍ତ୍ତନ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଅନୁରୂପ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଛି। ପୂଜକ ସାଧୁ ଚରଣ ମିଶ୍ର କହନ୍ତି, 'ଆମ ପୂର୍ବପୁରୁଷ ଏଠାରେ ମା'ଙ୍କୁ ସ୍ଥାପନା କରି ପୂଜା କରୁଥିଲେ। ମୁଁ ଏବେ ପୂଜାର୍ଚ୍ଚନା କରୁଛି। ଦେଶଦୁର୍ଗାଙ୍କର ଅଲୌକିକ ମହିମା ଚାରିଆଡ଼େ ଖ୍ୟାତ।' ତପନ କୁମାର ମିଶ୍ର କହନ୍ତି, ମୁଁ ନିଜକୁ ଦେଶଦୁର୍ଗାଙ୍କର ଜଣେ ସେବକ ମନେ କରେ। ପ୍ରତିବର୍ଷ ପୂଜା କାର୍ଯ୍ୟରେ ସହଯୋଗ କରି ସମସ୍ତଙ୍କ ପାଇଁ କରୁଣା ଭିକ୍ଷା କରିଥାଏ। ସ୍ଥାନୀୟ ଗ୍ରାମବାସୀ ଓ ବଉଳପାଳ ଗ୍ରାମର ଗଦାଧର ଦୀକ୍ଷିତଙ୍କ ସହଯୋଗରେ ଭବ୍ୟ ମନ୍ଦିର ନିର୍ମାଣ ହେବା ପରଠାରୁ ଏଠାରେ ଶାରଦୀୟ ପୂଜାର ଆକର୍ଷଣ ବଢ଼ି ଚାଲିଛି।


ବାରବାଟିଆର ଦେଶଦୁର୍ଗା ପୂଜା ପାଇଁ ମୂର୍ତ୍ତି ତିଆରି ଚାଲିଛି।

### ଜନଶ୍ରୁତି

ବାରବାଟିଆରେ ଦେଶଦୁର୍ଗାଙ୍କ ପୂଜାକୁ ନେଇ ଏକ ରୋଚକ ଜନଶ୍ରୁତି ରହିଛି। ଏହି ଗ୍ରାମର କୃଷ୍ଣଚନ୍ଦ୍ର ମିଶ୍ର ନାମକ ଜଣେ ବ୍ରାହ୍ମଣ ଝଙ୍କଡ଼କୁ ପୂଜା କରିବାକୁ ଯାଉଥିଲେ। ତାଙ୍କ ପୂଜାର୍ଚ୍ଚନାରେ ମା' ଦୁର୍ଗା ସନ୍ତୁଷ୍ଟ ହୋଇ ତାଙ୍କୁ ସାଥୀରେ ନେଇଯିବାକୁ ସ୍ୱପ୍ନାଦେଶ ଦେଇଥିଲେ। ପଛକୁ ଚାହିଁବାକୁ ବାରଣ ଥିଲା। କୃଷ୍ଣଚନ୍ଦ୍ର ବୈତରଣୀ ପାର୍ ହୋଇ ମା'ଙ୍କୁ ଗ୍ରାମକୁ ନେଇ ଆସିଥିଲେ। ମାତ୍ର ଏକ ଅଶ୍ୱତ୍ଥ ବୃକ୍ଷ ପାଖରେ ସେ ପଛକୁ ଚାହିଁ ଦେବାରୁ ମା' ସେଠାରେ ରହିଯାଇଥିଲେ। ସେବେଠାରୁ ଏକ ଚାଳଘର ନିର୍ମାଣ କରାଯାଇ ସବୁଜିମାଭରା ଗ୍ରାମୀଣ ପରିବେଶରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ତେବେ ମା'ଙ୍କ ନାମ ଦେଶଦୁର୍ଗା କିଭଳି ରହିଲା ତାହା କେହି କହିପାରନ୍ତି ନାହିଁ। ଉକ୍ତ ପୀଠର ବିକାଶ ଘଟାଇ ଏହାକୁ ଲୋକଲୋଚନକୁ ଆଣିବା ଲାଗି ଅଞ୍ଚଳବାସୀ ଉଦ୍ୟମ କରିଆସୁଛନ୍ତି।

## ସଂକ୍ଷେପରେ

### ୧୫ ପରିବାର ବାସହୀନ

**ଔପଦା,୧୩।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକରେ ଚଳିତ ଲଘୁଚାପ ଲଗାଣବର୍ଷା 'ତିତ୍‌ଲି' ହେତୁ ବେଘର ହୋଇଛନ୍ତି ୧୫ରୁ ଊର୍ଦ୍ଧ୍ୱ ପରିବାର। ଗଡ଼ସାହି ପଞ୍ଚାୟତ ଗଡ଼ସାହି ଗ୍ରାମ ପାତ୍ରସାହିର ମହେଶ୍ୱର ପାତ୍ର, ରାଏରାମଚନ୍ଦ୍ରପୁର ପଞ୍ଚାୟତର ସୋରିଷପାଳ ଗ୍ରାମର ସଦାନନ୍ଦ ରାଉତ ଓ ପ୍ରଭାକର ରାଉତଙ୍କ ଘରର କାନ୍ଥ ପଡ଼ିଯାଇଛି। ସେହିପରି ଫତେପୁର ପଞ୍ଚାୟତ ବାଙ୍ଗୁର ଗ୍ରାମର ଶିବ ଦାସ ଓ ଭରତ ଘୁଡ଼ାଙ୍କ ଘର କାନ୍ଥ ପଡ଼ିଯାଇଥିବା ବେଳେ ଉଡି ଯାଇଛି ଝପର। ଖାଦ୍ୟ ସାମଗ୍ରୀ ସମେତ ସମସ୍ତ ଜିନିଷ ନଷ୍ଟ ହୋଇଯାଇଥିବା ବେଳେ ଏହି ବିପନ୍ନ ପରିବାରଙ୍କ ପାଖରେ ରହିବାକୁ ଜାଗା ନ ଥିବା ଖାଇବାକୁ ବି କିଛି ନ ଥିବା କୋହଭରା କଣ୍ଠରେ କହିଛନ୍ତି। ଭୋକ ଉପାସରେ ଥିବା ଏହି ପରିବାର ସଦସ୍ୟ ସରକାରୀ ସହାୟତାକୁ ଚାହିଁ ବସିଥିବା ବେଳେ ରିଲିଫ ନାମରେ ସେମାନଙ୍କୁ ପଲିଥିନ୍ ଖଣ୍ଡେ ମିଳିଛି। ଲଗାଣବର୍ଷା ହେତୁ ରାସ୍ତାଘାଟ ବୁଡ଼ିବା ସହ ଔପଦା ବଜାରର ଜୀବନଯାତ୍ରା ବ୍ୟାହତ ହୋଇଛି। ଶନିବାର ସକାଳ ପର୍ଯ୍ୟନ୍ତ ଔପଦା ଡାକ୍ତରଖାନା, ବନଉପଖଣ୍ଡ, ରେଞ୍ଜ ଅଫିସ୍ ପରିସରରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ରହିଥିଲା। ଔପଦା ବଜାର ଉପକଣ୍ଠ ତଳକିଆ ଗ୍ରାମରେ କେତେକ ଲୋକଙ୍କ ଘରେ ମଧ ପାଣି ପଶିଛି। ଲଗାଣବର୍ଷା ହେତୁ ପାହାଡ଼ରୁ ଖସିଥିବା ପାଣି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ପାହାଡ଼ ତଳି ଧାନ କ୍ଷେତ ଜଳମଗ୍ନ ହୋଇଯାଇଛି।

### ପାଣି ଘେରରେ ସେବା ସମବାୟ ସମିତି କାର୍ଯ୍ୟାଳୟ

**ବାଲିଆପାଳ, ୧୩।୧୦(ଡି.ଏନ.ଏ.):** ତିତଲି ପ୍ରଭାବ ଜନିତ ବର୍ଷା ଯୋଗୁ ବାଲିଆପାଳ ସେବା ସମବାୟ ସମିତି କାର୍ଯ୍ୟାଳୟରେ ପରିସରରେ ବର୍ଷାପାଣି ଜମି ରହିଛି। ଫଳରେ ସମିତିର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। କାର୍ଯ୍ୟାଳୟର ଆଜବେଷ୍ଟସ୍ ଛପର ବହୁ ପୁରୁଣା ହୋଇଥିବାରୁ ପାଣି ଗଳୁଛି। ଏହାର ଦୁଇ ଗୋଦାମ ଘରେ ମଧ ବର୍ଷା ପାଣି ଜମି ରହିଛି। ଗୋଦାମରେ ଥିବା ଧାନ,ଅଖା ଓ ଅନ୍ୟ କେତେକ ସାମଗ୍ରୀ ନଷ୍ଟ ହୋଇଯାଇଛି ବୋଲି ସମିତି ସଭାପତି ସୁବ୍ରତ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

### ଚାନ୍ଦିଲ ଡ୍ୟାମ ପାଣିରେ ଉଛୁଳୁଛି ସୁବର୍ଣ୍ଣରେଖା

**ବାଲିଆପାଳ, ୧୩।୧୦(ଡି.ଏନ.ଏ.):** ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣରେଖାର ଚାନ୍ଦିଲ ଡ୍ୟାମରୁ ୨ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯିବାରୁ ଏହି ନଦୀରେ ବନ୍ୟା ପାଣି ଦୁଇ କୂଳ ଛୁଇଁଛି। ନଦୀର ଜଳସ୍ତର ରାଜଘାଟଠାରେ ସର୍ତକ ସୂଚନାର ତଳେ ପ୍ରବାହିତ ହେଉଛି। ସେଠାରେ ସର୍ତକ ସୂଚନା ୯.୪୫ ମିଟର। ତେବେ ବନ୍ୟା ଆଶଙ୍କା ସେଭଳି ନାହିଁ ବୋଲି ପ୍ରଶାସନ ଓ ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି।

# ମୂର୍ତ୍ତି କଳାରେ ଦିଅନ୍ତି ସଚେତନତାର ବାର୍ତ୍ତା


ନିଆରା ଶିଳ୍ପୀ କରୁଣାକର।

**ସନ୍ତୋଷ କୁମାର ନାୟକ**
**ସିମୁଳିଆ, ୧୩।୧୦**

ତାଙ୍କ ହାତଛୁଆଁରେ ମାଟିର ମୂର୍ତ୍ତି ହୋଇଉଠେ ଜୀବନ୍ତ। ସୃଜନଶୀଳ ପରିକଳ୍ପନାକୁ ସେ ମୂର୍ତ୍ତି କଳାରେ ରୂପାୟିତ କରି ସମାଜକୁ ଆଧ୍ୟାତ୍ମିକ, ସଚେତନତାର ବାର୍ତ୍ତା ଦେଇ ଆସୁଛନ୍ତି। ପୂଜା ପାର୍ବଣ ଆସିଲେ ମୁହୂର୍ତ୍ତେ ବିଶ୍ରାମ ନ କରି ମୂର୍ତ୍ତି ନିର୍ମାଣରେ ସେ ନିମଗ୍ନ ହୋଇଯାଆନ୍ତି। ଯୁବାବସ୍ଥାରୁ ଏହି କଳାକୁ ଆଦରି ଆଗକୁ ବଢିଛନ୍ତି। ନିଜ ପିଲାଙ୍କୁ ଏହି କଳାରେ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଦେଉଛନ୍ତି। କାହାଠାରୁ ନିଜେ କଳା ଶିକ୍ଷା କରି ନ ଥିଲେ ମଧ ସୃଜନଶୀଳ ଚିନ୍ତା ନେଇ ମୂର୍ତ୍ତିକଳାର ବିକାଶ ଘଟାଇଛନ୍ତି। ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ପଥର ଓ ସିମେଣ୍ଟରେ ମୂର୍ତ୍ତି ତିଆରିରେ ସେ ବେଶ୍ ମାହିର।

ମୂର୍ତ୍ତିକଳାର ଏହି ପ୍ରବୀଣ ଶିଳ୍ପୀ ହେଲେ କରୁଣାକର ମହାରଣା। ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ରିଆ ଅଞ୍ଚଳରେ। ଓଡିଶା ଓ ଓଡିଶା ବାହାରେ ନିଜ କଳା ନୈପୁଣ୍ୟ ପ୍ରଦର୍ଶନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅନେକ ପ୍ରମାଣପତ୍ର ଓ ପ୍ରଶଂସା ପାଇଛନ୍ତି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ଉତ୍ସବରେ ୫ବର୍ଷ ପୂର୍ବେ ମିଳିଥିବା ରାଜ୍ୟ ସ୍ତରୀୟ ସମ୍ମାନ ତାଙ୍କ ପାଇଁ ଏକ ଅଭୁଲା ସ୍ମୃତି। କରୁଣାକର କୁହନ୍ତି, ପାରିବାରିକ ଦୁଃସ୍ଥିତିକୁ ନେଇ ସେ ପିଲାଦିନେ ପଞ୍ଚମ ଶ୍ରେଣୀରୁ ଅଧିକ ପାଠ ପଢପାରି ନ ଥିଲେ। ୨୦ବର୍ଷ ବୟସରୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଏ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ୩ ଭାଇ ଓ ୨ ଭଉଣୀଙ୍କ ସମେତ ସ୍ତ୍ରୀ, ୨ଝିଅ ଓ ଜଣେ ପୁଅଙ୍କୁ ନେଇ ତାଙ୍କ ପରିବାର। ଏକମାତ୍ର ପୁତ୍ର ଗଣେଶଙ୍କୁ ସେ ଚାକିରି ପଛରେ ନ ଗୋଡାଇ ସ୍ୱାବଲମ୍ବୀ ହେବା ପାଇଁ ମୂର୍ତ୍ତି ନିର୍ମାଣ କଳା ଶିକ୍ଷା ଦେଇଛନ୍ତି। ଗତ ବର୍ଷ ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଓଡିଆ ସଙ୍ଗଠନ ଡାକରାରେ ସେ ପ୍ରଶାନ୍ତି ଯାଇଥିଲେ। ସେହିପରି ଦିଲ୍ଲୀର ଅସ୍ଥଳ ଅଞ୍ଚଳରେ ୩ମାସ ରହି ସେଠାରେ ଏକ ମନ୍ଦିରରେ ରାଧାକୃଷ୍ଣ ମୂର୍ତ୍ତି ନିର୍ମାଣ କରିଥିଲେ। କେବଳ ଦେବୀଦେବ ମୂର୍ତ୍ତି ନୁହନ୍ତି, ସାମାଜିକ ସଚେତନତା ସୃଷ୍ଟି ପାଇଁ ସେ ବିଭିନ୍ନ ମୂର୍ତ୍ତିକଳା ପ୍ରଦର୍ଶନ କରିଥାନ୍ତି। ଓଡିଶାର ବିଭିନ୍ନ ସ୍ଥାନରେ ଏବେ ପୂଜା ପାର୍ବଣର ମାହୋଲ ବଢିଚାଲିଛି। କିନ୍ତୁ ଲୋକେ କଲିକତା ଭଳି ବାହାର ସ୍ଥାନକୁ ଯାଇ ଶିଳ୍ପୀଙ୍କୁ ଆଣି ଗଣେଶ, ଦୁର୍ଗା ଓ କାଳୀଙ୍କ ମୂର୍ତ୍ତି ତିଆରି କରୁଛନ୍ତି। ଓଡିଶାର ଶିଳ୍ପୀ ପଛରେ ନ ଥିଲେ ବି ଅଣାଦେଖା ହେଉଛନ୍ତି। ଓଡିଶା ବଜାରରେ ମୂର୍ତ୍ତି ସାଜସଜ୍ଜା ସାମଗ୍ରୀ ମିଳୁ ନ ଥିବାରୁ ଏହାକୁ କଲିକତାର କାନ୍ଥି ଅଞ୍ଚଳରୁ ଆମଦାନୀ କରାଯାଉଛି। ସମ୍ପ୍ରତି ବଜାରରେ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତି ବିକ୍ରି ହେବା ପରଠାରୁ କଳାକାରର ହାତ ତିଆରି ମାଟି ମୂର୍ତ୍ତିର ଚାହିଦା କମି କମିଯାଉଛି। ବାହାର ରାଜ୍ୟର କଳାକାରଙ୍କୁ ବିଭିନ୍ନ ପ୍ରୋତ୍ସାହନ ମିଳୁଥିବା ବେଳେ ଆମ ରାଜ୍ୟରେ ଏହା ନାହିଁ। ଫଳରେ କଳାର ବିକାଶ ଘଟି ପାରୁନାହିଁ ବୋଲି କରୁଣାକର କହିଛନ୍ତି। ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳିଲେ ଯୁବଶିଳ୍ପୀମାନେ ଏହି କଳାରେ ନିଜର ଉତ୍କର୍ଷ ପ୍ରତିପାଦନ କରିପାରନ୍ତେ। ଏଥିଲାଗି ସେ ଆଗ୍ରହୀ ଯୁବଶିଳ୍ପୀଙ୍କୁ ତାଲିମ ଦେଇ ଆସୁଥିବା କହିଛନ୍ତି।


ଗାଈ ନିକଟରେ ଶୋଇଥିବା ୩ ବାଛୁରି।

### ଏକାବେଳେ ୩ ବାଛୁରି ଜନ୍ମ

**ଖଇରା,୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରଡାଙ୍ଗ ଗ୍ରାମର ଏକ ଗାଈ ଶନିବାର ପୂର୍ବାହ୍ନରେ ୩ଟି ବାଛୁରୀ ଜନ୍ମ ଦେଇଛି। କୌଣସି ଗାଈ ଏକାବେଳେ ୩ଟି ବାଛୁରି ଜନ୍ମଦେବା ଘଟଣା ବିରଳ ବୋଲି ଚର୍ଚ୍ଚା ହେଉଛି। ମିର୍ଜାପୁର ପ୍ରାଣୀଧନ କେନ୍ଦ୍ର ନିରୀକ୍ଷକ ଅର୍ଜୁନ ଜେନାଙ୍କ ତତ୍ତ୍ୱାବଧାନରେ ଏହି ବାଛୁରି ଜନ୍ମ ନେଇଥିଲେ।

# ସେବା ପ୍ରଦାନ ନେଇ ପ୍ରଶିକ୍ଷଣ

**ବାହାନଗା, ୧୩।୧୦(ଡି.ଏନ.ଏ.)**

ବାହାନଗା ବ୍ଲକ ପାଇକାସ୍ଥିତ ବାହାନଗା ତହସିଲ ପକ୍ଷରୁ ଲୋକଙ୍କୁ ସେବା ପ୍ରଦାନ ନେଇ ଏକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ସତ୍ୟଭାମା କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଦେବଯାନୀ ଭୂୟାଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ନିରଞ୍ଜନ ସାହୁ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନାରୁ ଜନସାଧାରଣ କିପରି ସୁଫଳ ପାଇବେ ସେନେଇ ଉପସ୍ଥିତ ଜନପ୍ରତିନିଧି, ବିଭିନ୍ନ ବିଭାଗର କର୍ମଚାରୀ, ଆଇନଜୀବୀ ଓ ଜନସାଧାରଣଙ୍କୁ ବୁଝାଇଥିଲେ। ଏଥିରେ କୃଷି ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମତ୍ସ୍ୟ ବିଭାଗ, ରାଜସ୍ୱ ବିଭାଗ, ପଞ୍ଚାୟତିରାଜ ବିଭାଗ ତରଫରୁ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକ କିପରି ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପାଠ ପଢାଯାଉଛି ଓ କ'ଣ ପାଇଁ ଦଣ୍ଡମୁକ୍ତ ଅଞ୍ଚଳ ବୋଲି କୁହାଯାଇଛି ସେ ବିଷୟରେ ଆଲୋକପାତ କରିଥିଲେ। ସହକାରୀ କୃଷି ଅଧିକାରୀ ରଙ୍ଗନାଥ ପାତ୍ର ସରକାରୀ ପଦ୍ଧତିରେ ଚାଷୀମାନେ ଯଦି ଚାଷ କରିବେ ତେବେ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇପାରିବେ ବୋଲି ପ୍ରକାଶ କରିଥିଲେ। ସେହିପରି ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରିଣୀ ରଞ୍ଜିତା ବେହେରା, ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ପରିଡା ମଞ୍ଚ ପରିଚାଳନା କରିଥିଲେ ଓ ତହସିଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଯୋଜନାର ସୂଚନା ଦିଆଯାଉଛି।


ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇଥିବା କଣ୍ଟାପଡା ସ୍କୁଲ ଛାତ୍ରୀଛାତ୍ର।

# ବ୍ଲକସ୍ତରୀୟ ସୁରଭି

**ଖଇରା, ୧୩।୧୦(ଡି.ଏନ.ଏ.)**

ପ୍ରବଳ ବର୍ଷା ସତ୍ତ୍ୱେ ଖଇରା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଖଇରା ପ୍ରାଥମିକ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ବକ୍ତା, ଉପାଧକ୍ଷ ଜୟନ୍ତ ରାଉତ, ଏବିଇଓ ବାସୁଦେବ ରାଉତ, ସୁଦର୍ଶନ ରାଉତ ଓ ଗୋଲକ ପ୍ରସାଦ ପାଢୀ, ସରପଞ୍ଚ ସୁଦର୍ଶନ ସେଠୀ, ସମିତି ସଭ୍ୟ ନମିତା ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି କମଳଲୋଚନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କୈଳାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଟାପଡା ୟୁଜିୟୁପି ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ସୋର, ୧୩।୧୦(ଡି.ଏନ୍.ଏ.)**

ସୋର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ଠଶକୁରା ଗ୍ରାମରେ ଥିବା ଭାଗବତ ମାନସିକ ଅନଗ୍ରସର ବାକ୍ ଶକ୍ତି ଓ ଶ୍ରବଣ ଶକ୍ତିହୀନ ଦିବ୍ୟାଙ୍ଗ ସ୍ୱତନ୍ତ୍ର ବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆନନ୍ଦ ପରିଡାଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ଦାସ, ଅତିଥି ଭାବେ ଘନଶ୍ୟାମ ନାୟକ, ବନମାଳୀ ବେହେରା, ଗୋପୀନାଥ ବେହେରା ଓ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଭ୍ରମରବର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ବ୍ୟକ୍ତିର ସୁସ୍ଥ ଶରୀର ସହ ସୁଦୃଢ଼ ମାନସିକ ସ୍ୱାସ୍ଥ୍ୟହିଁ ବ୍ୟକ୍ତିକୁ ସଫଳ କରି ଗଢି ତୋଳିବାରେ ବଳିଷ୍ଠ ବିକଳ୍ପ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଦାମୋଦର ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଭାଗିରଥୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ତଦନ୍ତ କରି ଫେରିଲେ ଅତିରିକ୍ତ ଏସ୍‌ପି

**ଖଇରା, ୧୩।୧୦(ଡି.ଏନ.ଏ.)**

- ପ୍ରକୃତି ବିଦ୍ୟାମନ୍ଦିର ଛାତ୍ର ମୃତ୍ୟୁ ଘଟଣା
- ଥାନାରେ ମା'ବାପାଙ୍କୁ ପଚରାଉଚୁରା

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଡପୋଖରୀସ୍ଥିତ ଆବାସିକ ଶିକ୍ଷାନୁଷ୍ଠାନ ପ୍ରକୃତି ବିଦ୍ୟାମନ୍ଦିରରେ ରହି ପାଠ ପଢୁଥିବା ୪ର୍ଥ ଶ୍ରେଣୀ ଛାତ୍ର ବାଦଲ ଦାସ(କ୍ରିଷ୍ଣା)ଙ୍କ ମୃତ୍ୟୁ ଘଟଣା ସବୁ ମହଲରେ ଆଲୋଡନ ସୃଷ୍ଟି କରିଛି। ଶ୍ୱାସରୁଦ୍ଧ କରି ତାଙ୍କୁ ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ ଶିକ୍ଷକ ରବୀନ୍ଦ୍ର ରାଉତଙ୍କୁ ଅନୁଗୋଳରୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କୁ ଫସାଇ ଦିଆଯାଇଥିବା ଅଭିଯୁକ୍ତ ଶିକ୍ଷକ ଦର୍ଶାଇଥିବାରୁ ପୋଲିସ ଏହାକୁ ଗୁରୁତ୍ୱ ଦେଇ ଏହା ପଛରେ ଅନ୍ୟ କିଛି ରହସ୍ୟ ଅଛି କି ନାହିଁ ଜାଣିବାକୁ ସାନି ତଦନ୍ତ ଆରମ୍ଭ କରିଛି। ଗତ ମାସ ୨୭ତାରିଖରେ ଶିକ୍ଷାନୁଷ୍ଠାନ ନିକଟବର୍ତ୍ତୀ ଏକ ପରିତ୍ୟକ୍ତ ମୋରମ ଖଣିରୁ ବାଦଲଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କ ପୁଅଙ୍କୁ ହତ୍ୟା କରି ମୋରମ ଖଣିକୁ ଫିଙ୍ଗି ଦିଆଯାଇଥିବା ତାଙ୍କ ମା' ବାପା ସେତେବେଳେ ଅଭିଯୋଗ କରିଥିଲେ। ଶନିବାର ଜିଲା ଅତିରିକ୍ତ ଏସ୍‌ପି ତୁଷାରକାନ୍ତ ଜେନା ଉକ୍ତ ଶିକ୍ଷାନୁଷ୍ଠାନକୁ ଆସି ଶବ ଉଦ୍ଧାର ହୋଇଥିବା ସ୍ଥାନ ଓ ସ୍କୁଲଠାରୁ ଏହାର ଦୂରତା ଆଦି ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିଥିଲେ। ପରେ ବାଦଲଙ୍କ ବାପା ରମେଶ ଦାସ ଓ ମା ସସ୍ମିତାଙ୍କୁ ଥାନାକୁ ଡକାଇ ଅତିରିକ୍ତ ଏସ୍‌ପି ୧ଘଣ୍ଟାରୁ ଅଧିକ ସମୟଧରି ପଚରା ଉଚୁରା କରିଥିଲେ। କେବଳ ଶିକ୍ଷକ ନୁହନ୍ତି ଆବାସିକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ତାଙ୍କ ପୁଅର ମୃତ୍ୟୁ ଘଟଣା ନେଇ ସେମାନେ ଆଉ କେତେକ ତଥ୍ୟ ପୋଲିସକୁ ଦେଇଥିବା କୁହାଯାଉଛି। ମୃତଦେହ ଉଦ୍ଧାର ହେବାର ୧୪ଦିନ ପରେ ଖଇରା ଥାନା ପରିସରରେ ଆୟୋଜିତ ଏକ ଖବରଦତା ସମ୍ମିଳନୀରେ ପିଲାର ଦୁଷ୍ଟାମି ଯୋଗୁ ଅଭିଯୁକ୍ତ ଶିକ୍ଷକ ପିଲାଟିକୁ ମାଡ ମାରିବା ବେଳେ ହତ୍ୟା କରିଥିବା ନେଇ ଏସଡିପିଓ ସୁଦାମ ରାଉତ ଓ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ସୂଚନା ଦେଇଥିଲେ। ଶନିବାର ଅତିରିକ୍ତ ଏସ୍‌ପିଙ୍କ ତଦନ୍ତ ସମ୍ପର୍କରେ ଏସ୍‌ଡିପିଓ ରାଉତଙ୍କୁ ପଚାରିବାରୁ ସେ କେଉଁ ବିଷୟରେ ତଦନ୍ତ କରିବାକୁ ଆସିଥିଲେ ଜାଣି ନ ଥିବା କହିଛନ୍ତି। ଅତିରିକ୍ତ ଏସ୍‌ପି ମାମଲାର ତଦାରଖ କରିବାକୁ ଆସିଥାଇପାରନ୍ତି ବୋଲି ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ମତ ଦେଇଛନ୍ତି।





ନିଜର ଦୁର୍ବଳତା କେଉଁଠି ଅଛି ତାହା ଜାଣି ନ ପାରିବା ହିଁ ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ।
-କାର୍ଲାଇଲ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ବିଶୋଇ,୧୩।୧୦:** ବିଶୋଇ ଥାନା ଅନ୍ତର୍ଗତ ସ୍ଥାନୀୟ ଡାକଚଟି ଛକଠାରେ ଶନିବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖଡମବେଡା ପଞ୍ଚାୟତ ହାତୀଛାଡ଼ ଗ୍ରାମର ଭଟ ମାଝି (୫୫) । ଭଟ ଅପରାହ୍ଣରେ ରାଶନ ସାମଗ୍ରୀ ଆଣିବା ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ଅଭିମୁଖେ ଯାଉଥିଲେ। ଏହି ସମୟରେ ୪୯ ନମ୍ବର ଜାତୀୟ ରାଜପଥ ଡାକଚଟି ଛକଠାରେ ଏକ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ପହଞ୍ଚିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ବିଶୋଇ ପୋଲିସ, ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ଭାରପ୍ରାପ୍ତ ତହସିଲଦାର ଚନ୍ଦ୍ରଶେଖର ଗରେଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ତହସିଲଦାର ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ବିଶୋଇ ପୋଲିସ ମୃତଦେହକୁ ରାଇରଙ୍ଗପୁରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ଏହି ଘଟଣାକୁ ନେଇ ବିଶୋଇ ଥାନାରେ ଏକ ମାମଲା ( ନଂ ୭୩/୧୮) ରୁଜୁ ହୋଇଛି ।

### ଏସ୍ଏଚ୍‌ଜି ମହିଳାଙ୍କୁ ତାଲିମ

**ବାରିପଦା ଅଫିସ,୧୩।୧୦:** ମୟୂରଭଞ୍ଜ ଜିଲା ଲଙ୍ଗଳକଟାସ୍ଥିତ ଜୁବୁଲି ହଲ ଚର୍ଚ୍ଚଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଭାର୍ଡ ପକ୍ଷରୁ ନାବାର୍ଡ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆର୍ଏମ୍ ଭାସ୍କର ଚନ୍ଦ୍ର ଦାଶ, ନାବାର୍ଡ ଡିଡିଏମ୍ ସ୍ମୃତି ରଞ୍ଜନ ପଟ୍ଟନାୟକ, କେସିପୁର ବ୍ରାଞ୍ଚର ଶାଖା ପରିଚାଳିକା ଅନୁଜା ପ୍ରିୟଦର୍ଶିନୀ ଗୋଛାୟତ, ଆଇଟିଡିଏ ସ୍ପେଶାଲ ଅଫିସର ବିଜୟ କୁମାର ସିନରା, ବାରିପଦା ବ୍ଲକର ଓଏଲଏମ ସ୍ୱରୂପ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ ବ୍ୟାଙ୍କର ସହଯୋଗ ସମ୍ପର୍କରେ ସୂଚନା ଦେବା ସହିତ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରିଥିଲେ। ଶେଷରେ ଭାର୍ଡ ସମ୍ପାଦକ ସୁବୋଧ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ‘ପରିବେଶ ଓ ଜୈବବିବିଧତାର ସୁରକ୍ଷା’ ଆଲୋଚନା




**ଉଦଳା,୧୩।୧୦ (ଡି.ଏନ.ଏ.):** ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ମୟୂରଭଞ୍ଜ ଜିଲାର ପରିବେଶ ସାହିତ୍ୟ ତ୍ରୈମାସିକ ପତ୍ରିକା ‘ନବ ସବୁଜିମା’ ଏବଂ ଉଦଳା ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ମିଳିତ ଆନୁକୂଲ୍ୟରେ ଆମ ଜୈବବିବିଧତାର ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ନବ ସବୁଜିମାର ସମ୍ପାଦକ ପ୍ରଫେସର ହରିହର ଦାସ, ମୁଖ୍ୟବକ୍ତା ଭାବେ ଜିଲା ପରିବେଶ ସମିତିର ଉପାଧକ୍ଷ ସନ୍ତୋଷ ମହାନ୍ତି, ସମ୍ମାନିତ ଅତିଥି ପରିବେଶବିତ୍ ନରୋତ୍ତମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପ୍ରତି ପରିବେଶର ଭାରସାମ୍ୟ ବିଗୁଡି ଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟର ବିଭୀଷିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏଥିରୁ ରକ୍ଷା ପାଇବାକୁ ଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନବ ସବୁଜିମା ତରଫରୁ ‘ପରିବେଶ ଓ ଜୈବବିବିଧତାର ସୁରକ୍ଷା’ ଶୀର୍ଷକ ପ୍ରବନ୍ଧ, କବିତା ଓ ଗଳ୍ପ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ୪୬ ଛାତ୍ର ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଅପୂର୍ବ ରଞ୍ଜନ ଧଳ ପ୍ରଥମ, ଅରିନ୍ଦମ ଗିରି ଦ୍ୱିତୀୟ ଏବଂ ଲଳିତ ଭଞ୍ଜବାବୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କୃତୀ ଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନଶିକ୍ଷକ ସମରଜିତ୍ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି, ରବିନାରାୟଣ ସ୍ୱାଇଁ, କର୍ମଚାରୀ ବଙ୍କିମ ଚରଣ ପାତ୍ର କାର୍ଯ୍ୟରେ ସହଯୋଗ କରିଥିଲେ ।

# ଥମିଲା ବର୍ଷା: କମିନି ଦୁର୍ଦ୍ଦଶା

**ବଡ଼ସାହି,୧୩।୧୦(ସ୍ୱ.ପ୍ର.)**



ଜଳବନ୍ଦୀରେ ଥିବା କୁଣ୍ଡିସାହି ବାସିନ୍ଦା।

- ଏବେ ବି ୧୬ରୁ ଉର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀ
- ଚାଷଜମି ଜଳମଗ୍ନ, ଉଜୁଡ଼ିଲା ପରିବା ଚାଷ
- ରାସ୍ତା ଉପରେ ପାଣି, ଯୋଗାଯୋଗ ବିଚ୍ଛିନ୍ନ

ସାମୁଦ୍ରିକ ଝଡ଼ ତିତ୍‌ଲି ପ୍ରଭାବରେ ଦୁଇ ଦିନ ଧରି ଲାଗିରହିଥିବା ଲଗାଣ ବର୍ଷା ମୟୂରଭଞ୍ଜ ଜିଲା ବଡସାହି ବ୍ଲକରେ ଥମି ଯାଇଛି। ହେଲେ ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା କମିବା ନାଁ ଧରୁନି। ବର୍ଷା କମିବାରୁ ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀର ଜଳ ପତନ ହ୍ରାସ ହେବାରେ ଲାଗିଛି । ମାତ୍ର ଏବେ ବି ବହୁ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ରହିଥିବା ବେଳେ ପ୍ରାୟ ୧୬ରୁ ଉର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀ ଅଛି।

ଶନିବାର ଅପରାହ୍ଣ ସୁଦ୍ଧା ବଡ଼ସାହି-କୁଆମରା ରାସ୍ତାର ଗଙ୍ଗାହାର ନଦୀ ପୋଲ ଓ ବୈଶିଙ୍ଗା-ଉଦଳା ରାସ୍ତାର ବିତନୁ ପୋଲ ଉପରେ ଜଳ ସ୍ରୋତ ଚାଲିଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଭଞ୍ଜବାଟୀ-ମାଙ୍କଡାପାଳ ଗ୍ରାମ ରାସ୍ତାରେ ୬ଫୁଟର ଘାଇ ସୃଷ୍ଟି ହୋଇଛି। ଭଞ୍ଜବାଟୀ ଗ୍ରାମର ସୁବାମଣୀ ନାଏକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ପ୍ରଶାସନ ପକ୍ଷରୁ ସୁହାଗପୁର ସ୍କୁଲ, ବେଢାପାଳ, ଭୀମଦା ହାଇସ୍କୁଲ, ମାଣତ୍ରୀ କଲ୍ୟାଣ ମଣ୍ଡପ, ନୁଣୁକୁଆ, ଜଡିଦା ଆଦି ୬ଟି ସ୍ଥାନରେ ଥିବା ୫୫୦ ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଦିଆଯାଉଛି। ବଡ଼ସାହି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ତହସିଲଦାର ଅମିୟ କୁମାର ରାଉତଙ୍କ ସହ ରାଜସ୍ୱ ନିରୀକ୍ଷକମାନେ ବନ୍ୟାଞ୍ଚଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଶେଷ ଭାବେ ପାଳପାଟଣା, ସୋରିଷକୋଠା, ଶାଳଗାଁ, କୁଞ୍ଚିବଣିଆ, ଉଞ୍ଚଡିହି, ଜଡିଦା, ମାଙ୍କଡକେନ୍ଦା, ବେଢାପାଳ, ନରଣଗାଁ, ଆଗ୍ରିଆ, ଡୁମୁରିଆ, ଭୁରୁଡିହା, ଶିମିଳିଡାହି, ଆଦିଡିହା, କୁଣ୍ଡିସାହି ଓ ନୁଣୁକୁଆ ଆଦି ୧୬ଟି ଗ୍ରାମରେ ବନ୍ୟାଜଳ ପ୍ରବେଶ କରି ନାହିଁ ନ ଥିବା କ୍ଷତି ପହଞ୍ଚାଇଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଉକ୍ତ ଗ୍ରାମଗୁଡିକ ପାଣିଘେରରେ ଥିବା ଜଣାପଡିଛି । ଘରଦ୍ୱାର ଜଳବନ୍ଦୀ ହୋଇପଡିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାଘାଟରେ ଆଣ୍ଠୁଏ ଲେଖାଏଁ ପାଣି ପ୍ରବାହିତ ହେଉଥିବାରୁ ଘରୁ ବାହାରିବା ସମ୍ଭବ ହେଉ ନାହିଁ। ମାସକ ମଧ୍ୟରେ ଦୁଇ ଥର ବନ୍ୟା ହେବାରୁ ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ତଳି ଅଞ୍ଚଳରେ ବାରମ୍ବାର ବନ୍ୟାପାଣି ପଶିବାରୁ ଅନେକ ଧାନଜମି ଜଳମଗ୍ନ ହୋଇ ପଚାରୋଗ ଲାଗିବା ଆଶଙ୍କା କରାଯାଉଛି । ଫଳରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ କ୍ଷତିପୂରଣ ପାଇଁ ପ୍ରଶାସନ ନିକଟରେ ବହୁ ଚାଷୀ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ପାଣି କମିବା ଦ୍ୱାରା ଗୃହପାଳିତ ପଶୁ ସହ ଜନସାଧାରଣ ଘରକୁ ଫେରିଛନ୍ତି । ଜିଲା ଜରୁରିକାଳୀନ ଅଫିସର ସୁଜୟ କୁମାର ପତି ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରି ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଦମକଳ ବାହିନୀ ସହିତ ଓଡ୍ରାଫ ଟିମ ସଜାଗ ରହିଛନ୍ତି । ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭିନ୍ନ ଦଳର ନେତୃବୃନ୍ଦ ଓ ଶାସକ ଦଳର କର୍ମକର୍ତ୍ତାମାନେ ବନ୍ୟାଞ୍ଚଳ ପରିଦର୍ଶନ କରି ରିଲିଫ ଦେଉଥିବା ଜଣାଯାଇଛି। ସେହିପରି ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ପର୍ଯ୍ୟବେକ୍ଷକ କ୍ଷୀରୋଦ ଚନ୍ଦ୍ର ରାଉତ, ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ଦଳେଇ, ବିଜୁ ଯୁବବାହିନୀ ସଦସ୍ୟ, ଛେଳିଆ (କ) ସରପଞ୍ଚ ପ୍ରିୟଲତା ସିଂ, ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ, ସୁରଥ ଦାଶ, ଯୁବ ସଭାପତି ନୀହାର ରଞ୍ଜନ ମହାପାତ୍ର ପ୍ରମୁଖ ବନ୍ୟା ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି କ୍ଷୟକ୍ଷତି ସମ୍ପର୍କରେ ବୁଝିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି । ପାଣି ଘେରରୁ ମୁକୁଳିବା ପରେ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ପ୍ରତିଷେଧକ ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରିବା ପରେ ଗୃହପାଳିତ ପଶୁ ଓ ଲୋକଙ୍କ ସମସ୍ୟା ଦିନକୁ ଦିନ ଦ୍ୱିଗୁଣିତ ହେବାରେ ଲାଗିଛି । ପ୍ରଶାସନ ପକ୍ଷରୁ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଓ ପ୍ରତିଷେଧକ ବ୍ୟବସ୍ଥା କରିବା ସହିତ ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।




ଶହୀଦଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା।

## ବଣ୍ଡାବ ଶହୀଦଙ୍କୁ ମିଳୁନି ସରକାରୀ ସୁବିଧା

**ବାରିପଦା ଅଫିସ,୧୩।୧୦**

୨୦୦୯ ମସିହା ଅକ୍ଟୋବର ୧୩ରେ ମୟୂରଭଞ୍ଜ ଜିଲା ବଣ୍ଡାବଠାରେ ବିଧାୟକ ସୁଦାମ ମାର୍ଣ୍ଡି ମାଓବାଦୀ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ସୁଦାମଙ୍କୁ ସୁରକ୍ଷା ଦେବାକୁ ଯାଇ ଜଣେ ଏଏସଆଇ, ଜଣେ ହାବିଲଦାର ଓ ଜଣେ କନଷ୍ଟେବଳ ମାଓବାଦୀଙ୍କ ଗୁଳିମାଡରେ ଶହୀଦ ହୋଇଥିଲେ। ଏହି ଦିନକୁ ମୟୂରଭଞ୍ଜ ପୋଲିସ ଶହୀଦ ଦିବସ ଭାବେ ପ୍ରତି ବର୍ଷ ପାଳନ କରି ଆସୁଛି।

ଶନିବାର ବାରିପଦା ରିଜର୍ଭ କାର୍ଯ୍ୟାଳୟ ପରିସରରେ ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ଏଥିରେ ଶହୀଦ ଏଏସଆଇ ନାରାୟଣ ପ୍ରଧାନ, ହାବିଲଦାର ରାଜେନ୍ଦ୍ର ମହାନ୍ତ, କନଷ୍ଟେବଳ ଗମ୍ଭା ହେମ୍ବ୍ରମ ପ୍ରମୁଖଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବିଧାୟକ ସୁଦାମ ମାରାଣ୍ଡି, ଏସପି ଅବିନାଶ କୁମାର, ଏସଡିସି ଚେୟାରମ୍ୟାନ ଡା. ଦେବାଶିଷ ମାରାଣ୍ଡି , ଏଏସପି ଭୁବନାନନ୍ଦ ଜେନା ପ୍ରମୁଖଙ୍କ ସମେତ ଶହୀଦଙ୍କ ପରିବାର, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ବରିଷ୍ଠ ପୋଲିସ ଅଧିକାରୀ, କନଷ୍ଟେବଳ, ହୋମଗାର୍ଡ, ଡିଭିଏଫ ଫୋର୍ସ ଏସଓଜି ପ୍ରମୁଖ ଶହୀଦମାନଙ୍କୁ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମୟୂରଭଞ୍ଜ ହାବିଲଦାର ଓ କନଷ୍ଟେବଳ ସଂଘର ଆୟୋଜନ କ୍ରମେ ଏହି ଅବସରରେ ଏକ ମହମବତି ଶୋଭାଯାତ୍ରା ସହର ପରିକ୍ରମ କରିଥିଲା। ତେବେ ଏହି ଘଟଣା ଘଟିବାର ୯ ବର୍ଷ ବିତିଯାଇଥିଲେ ସୁଦ୍ଧା ଶହୀଦଙ୍କ ପରିବାରବର୍ଗଙ୍କୁ ସରକାରୀ ଯୋଜନା ମୁତାବକ ୪ ଡେସିମିଲ ଲେଖାଏଁ ଜମି ମିଳିପାରି ନ ଥିବାରୁ ହାବିଲଦାର ଓ କନଷ୍ଟେବଳ ସଂଘର ସଭାପତି ପ୍ରମୋଦ କୁମାର ଦାସ ଓ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଗିରି କ୍ଷୋଭ ପ୍ରକାଶ କରିଛନ୍ତି।

## ୨୧ରେ ଭ୍ରଷ୍ଟାଚାର ବିରୋଧରେ ମହାସମାବେଶ

**ବାରିପଦା ଅଫିସ,୧୩।୧୦**

ମୟୂରଭଞ୍ଜ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଲାଲ ବଜାରଠାରେ ଆବାହକ ମଣ୍ଡଳୀର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ ତାରିଖରେ ବାରିପଦା ଛଉ ପଡ଼ିଆଠାରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଏକ ମହାସମାବେଶ ଅନୁଷ୍ଠିତ ହେବା ନେଇ ବୈଠକରେ ସ୍ଥିର କରାଯାଇଛି। ଏଥିପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ଲୋକ ସଭା ସଦସ୍ୟ ବୈଜୟନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ଯଜ୍ଞେଶ୍ୱର ବାବୁ ଓ ବରିଷ୍ଠ ଖବରଦାତା ରବି ଦାସ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଜିଲାରେ ହେଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଜନ ସଚେତନତା ଓ ଜନ ଜାଗରଣ ସୃଷ୍ଟି କରିବା ପାଇଁ ଏହି କମିଟି କାର୍ଯ୍ୟ କରୁଛି। ଏଥିନିମନ୍ତେ ଗଠିତ କମିଟିରେ ସଭାପତି ଭାବେ ବୈଦ୍ୟନାଥ ମହାନ୍ତ, ଉପସଭାପତି ଭାବେ ଶରତ କୁମାର ରଣା, ରବୀନ୍ଦ୍ର ମାରାଣ୍ଡି, ସାଧାରଣ ସମ୍ପାଦକ ଭାବେ ଅବନୀ କୁମାର ମହାନ୍ତି, ସହସମ୍ପାଦକ ଭାବେ ମାନସୀ ବାରିକ ଏବଂ ସେଖ ରକିମ କୋଷାଧକ୍ଷ ଭାବେ ଚୟନ ହୋଇଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।








@ ଆଶିଷ



@ ମାନସ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଅଗ୍ନିକାଣ୍ଡ:ଜଳିଗଲା ଘର

**ବାଙ୍ଗିରିପୋଷି,୧୩।୧୦(ଡି.ଏନ.ଏ.)**

ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ଚୁଆପାଣି ଗ୍ରାମର ସାହେବ କିସ୍କୁଙ୍କ ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଛି। ଘଟଣାସ୍ଥଳରେ ବାଙ୍ଗିରିପୋଷି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡରେ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ପୋ ପାଉଁଶ ହୋଇଯାଇଛି। ବାଙ୍ଗିରିପୋଷି ଆରଆଇ ଅଜିତ କୁମାର ସିଂହ ବିପନ୍ନ ପରିବାରଙ୍କୁ ଏକ ପଲିଥିନ ଯୋଗାଇଦେଇଛନ୍ତି। ସାହେବ କିସ୍କୁ ଦିନ ମଜୁରିଆ ହୋଇଥିବାରୁ ସରକାର ତରଫରୁ ଘର ଯୋଗାଇଦେବାକୁ ଦାବୀ ହେଉଛି।



ବାରିପଦା ଅମ୍ବିକା ମନ୍ଦିରରେ ଶନିବାର ମା’ଙ୍କ ସ୍କନ୍ଦ ମାତା ବେଶ (ଫଟୋ-ବାଚ୍ଚି)।

# ସ୍ୱଚ୍ଛତା ପୁରସ୍କାରକୁ ୩ ବର୍ଷ : ସବୁ ଘରେ ନାହିଁ ଶୌଚାଳୟ

**କପ୍ତିପଦା,୧୩।୧୦(ଡି.ଏନ୍.ଏ.)**



ଶୌଚାଳୟ ଦାବିରେ ହିତାଧିକାରୀମାନେ ପଞ୍ଚାୟତ ଅଫିସ ସମ୍ମୁଖରେ ପ୍ରତିବାଦ କରୁଛନ୍ତି ।

**କପ୍ତିପଦା ବ୍ଲକ**
- ପରିମଳମୁକ୍ତ ପଞ୍ଚାୟତ ଘୋଷଣା କାଗଜକଲମରେ ସୀମିତ
- ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ର ହେଉଛି
- ତୁରନ୍ତ ଶୌଚାଳୟ ନ ହେଲେ ଆନ୍ଦୋଳନ

କପ୍ତିପଦା ବ୍ଲକ୍ ପ୍ରଶାସନ ପିଛା ଛାଡୁନି ବିବାଦ । ବିଭିନ୍ନ ବିବାଦରେ ବ୍ଲକ୍ ପ୍ରଶାସନ ଉବୁଟୁବୁ ହେଉଥିବା ବେଳେ ପୁଣି ସ୍ୱଚ୍ଛ ଭାରତ ଅଭିଯାନର ଶୌଚାଳୟ ନିର୍ମାଣରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଯାଇଛି। ସ୍ୱଚ୍ଛତା ଓ ମଳମୁକ୍ତ ପଞ୍ଚାୟତ ଗଠନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା କପ୍ତିପଦା ବ୍ଲକରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ଅଭିଯୋଗ ହେଉଛି। ବ୍ଲକ ଅଧୀନ ଜାମବଣୀ ପଞ୍ଚାୟତକୁ ୨୦୧୫ ମସିହାରେ ପରିମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିଲା । ହେଲେ ଏହାର ୩ ବର୍ଷ ପରେ ବି ବହୁ ପଞ୍ଚାୟତବାସୀଙ୍କ ଘରେ ଶୌଚାଳୟ ନିର୍ମାଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଶତାଧିକ ଗ୍ରାମବାସୀଙ୍କ ଘରେ ଶୌଚାଳୟ ନ ଥିବାବେଳେ ଏହି ପଞ୍ଚାୟତକୁ କିଏ କିପରି ମଳମୁକ୍ତ ପଞ୍ଚାୟତ ଘୋଷଣା କଲା ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ ।

କପ୍ତିପଦା ବ୍ଲକ୍ ଅଧୀନ ଜାମବଣୀ ପଞ୍ଚାୟତବାସୀଙ୍କ ଅଭିଯୋଗକୁ ଭିତ୍ତି କରି ସରପଞ୍ଚ ବୁଦ୍ଧେଶ ଚନ୍ଦ୍ର ପାତ୍ର ବର୍ଷେ ପୂର୍ବେ ବିଡିଓଙ୍କୁ ଏ ନେଇ ଲିଖିତ ଭାବେ ଅବଗତ କରାଇଥିଲେ। ବିଡିଓ ଯୁଧିଷ୍ଠିର ନାଏକ ତଦନ୍ତ ପାଇଁ ନୋଡାଲ ଅଫିସର ଭାବେ କପ୍ତିପଦା ଜିପିଓଙ୍କୁ ଦାୟିତ୍ୱ ଦେଇଥିବା ସରପଞ୍ଚ ସୂଚନା ଦେଇଥିଲେ । ମାତ୍ର ୧ ବର୍ଷ ବିତିବାକୁ ବସିଥିବା ବେଳେ ତଦନ୍ତର ନାମ ଗନ୍ଧ ନ ଥିବାବେଳେ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ଘରେ ମଧ୍ୟ ପାଇଖାନା ନିର୍ମାଣ ହୋଇ ପାରିନାହିଁ। ଏଥିରେ ଉତ୍ୟକ୍ତ ଗ୍ରାମବାସୀ ଶୁକ୍ରବାର ପୁନର୍ବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଜଣାଇଥିଲେ। ଖୁବ୍ ଶୀଘ୍ର ଏହାର ସମାଧାନ ନ ହେଲେ ବଞ୍ଚିତ ହିତାଧିକାରୀ ବ୍ଲକ୍ ଘେରିବେ ବୋଲି ଚେତାବନୀ ଦେଇଛନ୍ତି। ଜାମବଣୀ ପଞ୍ଚାୟତକୁ ୨୦୧୫ରେ ପରିମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି । ଏଥିନିମନ୍ତେ ଜିଲାସ୍ତରୀୟ ସ୍ୱତନ୍ତ୍ର ଉତ୍ସବରେ ତତ୍କାଳୀନ ସରପଞ୍ଚ ପିଙ୍କି ମାଝିଙ୍କୁ ପୁରସ୍କୃତ କରାଯାଇଥିଲା । ମାତ୍ର ଏବେ ମଧ ବହୁ ହିତାଧିକାରୀ ପାଇଖାନା ନିର୍ମାଣରୁ ବଞ୍ଚିତ ହୋଇଥିବା ଜଣାଯାଇଛି । ଏପରିକି ମଳମୁକ୍ତ ପଞ୍ଚାୟତ ଘୋଷଣାର ୩ ବର୍ଷ ପରେ ମଧ ଏହି ପଞ୍ଚାୟତର ଶତାଧିକ ଗ୍ରାମବାସୀଙ୍କ ଘରେ ପାଇଖାନା ନ ଥିବା ଦେଖାଯାଇଛି । ତେଣୁ ଗ୍ରାମବାସୀଙ୍କ ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ର ରୂପ ନେବାକୁ ବସିଛି । କପ୍ତିପଦା ଜିପିଓ ଶଶିଶେଖର ଷଡଙ୍ଗୀ କୁହନ୍ତି, ଅଭିଯୋଗର ତଦନ୍ତ ହେଉଛି। ଯେଉଁମାନେ ବଞ୍ଚିତ ହୋଇଛନ୍ତି ସେମାନଙ୍କ ଘରେ ପାଇଖାନା ନିର୍ମାଣ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି ।

## ସଂକ୍ଷେପରେ



### ଗଳାକାଟି ହତ୍ୟା ଉଦ୍ୟମ: ଅଭିଯୁକ୍ତ ସ୍ୱାମୀ ଗିରଫ

**ବଡବିଲ,୧୩।୧୦ (ସ୍ୱ.ପ୍ର.)**- କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଓଏମସି ଗେଷ୍ଟ ହାଉସ ନିକଟ ତୋଲକ ହଟିଂରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାର ତଦନ୍ତ କରି ପୋଲିସ ତାଙ୍କ ଜମରୁଲ ହୁସେନ ଓରଫ୍ ସୋନୁଙ୍କୁ ଶନିବାର ଗିରଫ କରିଛି। ଗତ ୬ ତାରିଖ ରାତିରେ ତୋଲକ ହଟିଂରୁ ଏହି ମହିଳାଙ୍କୁ ମୁମୂର୍ଷୁ ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ତାଙ୍କ ଗଳା କାଟି ଦିଆଯାଇଥିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ସୂଚନା ଅନୁଯାୟୀ ଏହି ମହିଳା ବଡବିଲ ତୋଲକ ହଟିଂରେ ରହୁଥିବା ଜମରୁଲ ହୁସେନଙ୍କୁ ବିବାହ କରିଥିଲେ। ବଡବିଲ ଥାନା ପୋଲିସ ଦଫା ୩୦୭ ଆଇପିସିରେ ହତ୍ୟାଉଦ୍ୟମ ମାମଲା( ନଂ.୧୫୦/୧୮)ରୁଜୁ କରବାର ସପ୍ତାହକ ପରେ ଅଭିଯୁକ୍ତ ଜମରୁଲଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କଟକରେ ଚିକିତ୍ସାଧିନ ମହିଳା ଏବେ ବିପଦମୁକ୍ତ ଥିବା ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି।

### ସ୍ୱାମୀଙ୍କ ଆତ୍ମହତ୍ୟା

**ଯୋଡା,୧୩।୧୦(ଡି.ଏନ.ଏ.)**- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କୁଟୁଗାଁ ଠାରେ ବିର ମୁଣ୍ଡା ନାମକ ଜଣେ ବ୍ୟକ୍ତି ଫାଶି ଦେଇ ଆତମହତ୍ୟା କରିଛନ୍ତି। ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ପତ୍ନୀଙ୍କ ସହିତ ତାଙ୍କର କଳହ ହୋଇଥିଲା। ଏହାକୁ କେନ୍ଦ୍ର କରି ସେ ଶାଢୀରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ପତ୍ନୀ ଏସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ କରୁଛି।

### ଫି'କୁ ନେଇ ଥାନାରେ ମାମଲା

**କେନ୍ଦୁଝର,୧୩।୧୦(ସ୍ୱ.ପ୍ର.)**- କେନ୍ଦୁଝର ଠାରେ ଏକ ଘରୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ୨ କଲେଜ)ରେ ଅଧିକ ଫି ଆଦାୟ କରାଯାଉଥିବା ନେଇ କେତେକ ଅଭିଭାବକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଭାବକଙ୍କ ପିଲା ମାନେ ଏହି କଲେଜରେ ଚଳିତ ବର୍ଷ ନାମ ଲେଖାଇଥିଲେ । ତେବେ ସ୍ୱାସ୍ଥ୍ୟଗତ ଓ ଅନ୍ୟାନ୍ୟ କାରଣରୁ ସେଠାରେ ଆଉ ପାଠ ପଢିବାକୁ ଆଗ୍ରହ କରୁନାହାନ୍ତି। ତେବେ ଅନ୍ୟ କଲେଜରେ ନାମ ଲେଖାଇବା ପାଇଁ ଉକ୍ତ କଲେଜରୁ ନୋ ଅବଜେକସନ ସାର୍ଟିଫିକେଟ ଆଣିବା ଜରୁରୀ । ତୁରନ୍ତ ସାର୍ଟିଫିକେଟ ନ ନେଲେ ଅନ୍ୟ କଲେଜରେ ନାମ ଲେଖାଇପାରିବେ ନାହିଁ । ଏଣୁ ଏହାକୁ ନେଇ ଚିନ୍ତାରେ ରହିଥିବା ବେଳେ ଶନିବାର ଟାଉନଥାନାରେ ଲିଖିତ ଅଭିଯୋଗ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

### ମହାଲକ୍ଷ୍ମୀ ପୂଜା ଲାଗି ପ୍ରସ୍ତୁତି

**ଢେଙ୍କିକୋଟ, ୧୩।୧୦(ଡି.ଏନ୍.ଏ.)**- କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ଏକ ବ୍ୟବସାୟିକ ବ୍ୟସ୍ତବହୁଳ ବଜାର। ଦୀର୍ଘବର୍ଷ ଧରି ଏଠାରେ ମହାଲକ୍ଷ୍ମୀ ପୂଜା କମିଟି ଦ୍ୱାରା ମହାଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ପୂଜା ହୋଇ ଆସୁଥିବାବେଳେ ଚଳିତ ବର୍ଷ ହେବାକୁ ଥିବା ପୂଜା ନିମନ୍ତେ ଗତ ଶୁକ୍ରବାର ଢେଙ୍କିକୋଟ ଡାକ ବଙ୍ଗଳାଠାରେ ପୂଜା କମିଟିର ଆବାହକ ତଥା ବଣିକ ସଂଘର ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ହୋଇଯାଇଛି। ବୈଠକରେ ୫୦ରୁ ଉର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଉପସ୍ଥିତ ରହି ପୂଜା କିପରି ଶାନ୍ତି ଶୃଙ୍ଖଳାର ସହ ଜାକଜମକରେ ପାଳନ ହେବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ପୂଜା କମିଟିର ପୁରୁଖା ସଦସ୍ୟ, ସାମାଜିକ କର୍ମୀ କୁଳମଣି ମଣ୍ଡଳ, ରବୀନ୍ଦ୍ର କୁମାର ସାହୁ, ଉପେନ୍ଦ୍ର ଓଝା, ରମେଶ ଚନ୍ଦ୍ର ମହାନ୍ତ, ସମୀର କୁମାର ଲୋହା, ବ୍ରଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିରପରାଧଙ୍କୁ ଉଠାଇ ଆଣି ନିର୍ଯାତନା

**ଯୋଡା,୧୩।୧୦(ଡି.ଏନ.ଏ.)**



ରାଜେନ୍ଦ୍ର ମହାକୁଡ଼।

- ରାତି ଅଧରେ ପୋଲିସ ଜୁଲମ
- ଥାନାରେ ରଖିଲେ ଭୋକିଲା
- ପରେ ପ୍ରକୃତ ଅଭିଯୁକ୍ତ ଧରାପଡିଲେ
- ମାନବାଧିକାର ସଂସ୍ଥାରେ ଅଭିଯୋଗ ଆଣିଲେ ପରିବାର

ପୋଲିସ ପ୍ରକୃତ ଅଭିଯୁକ୍ତଙ୍କୁ ଚିହ୍ନଟ ନ କରି ନିରୀହ ଲୋକଙ୍କୁ ରାତି ଅଧରେ ଥାନାକୁ ଉଠାଇ ଆଣି ନର୍ଯାତନା ଦେବା ଭଳି ଏକ ଘଟଣା କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ଘଟିଛି। ଥାନାରେ ଅଟକ ଥିବା ବ୍ୟକ୍ତି ନିରପରାଧୀ ବୋଲି ଯାଞ୍ଚରୁ ଜଣାପଡିବା ପରେ ପୋଲିସ ସେହି ସମାନ ନାମଧାରୀ ପ୍ରକୃତ ଅଭିଯୁକ୍ତଙ୍କୁ ପରେ ଧରି ମୁଣ୍ଡ ଉପରୁ ଦୋଷ ଛଡାଇବା ଉଦ୍ୟମ କରିଛି। ପୋଲିସର ଏଭଳି ଅନ୍ଧାଧୁନିଆ କାର୍ଯ୍ୟକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରି ପାରି ନାହାନ୍ତି। ବିନା ଦୋଷରେ ସାଧାରଣ ବ୍ୟକ୍ତିଙ୍କୁ ଥାନାକୁ ଆଣି ନିର୍ଯାତନା ଦେବା ଘଟଣା ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଭୁବନେଶ୍ୱରସ୍ଥିତ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି।

ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିବା ଏହି ମହିଳା ହେଲେ, କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବେଲଦା ଗ୍ରାମର କଳ୍ପଲତା ମହାକୁଡ। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୮ତାରିଖ ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଣେ ମହିଳା ପୋଲିସ ଅଧିକାରୀ ସଦଳବଳେ ତାଙ୍କ ଘରକୁ ଆସି କବାଟ ବାଡେଇଥିଲେ। ସେ କବାଟ ଖୋଲିବାରୁ ତାଙ୍କ ସ୍ୱାମୀ ରାଜେନ୍ଦ୍ର ମହାକୁଡଙ୍କ ନାମରେ ଓାରେଣ୍ଟ ଅଛି କହିଥିଲେ । ଏନେଇ ସର୍ଚ୍ଚ ଓାରେଣ୍ଟ ଅଛି କି ବୋଲି କଳ୍ପଲତା ପଚାରିବାରୁ ପୋଲିସ କର୍ମଚାରୀ ଖପା ହୋଇ ଗାଳିଗୁଲଜ କରିଥିଲେ। ପରେ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ତାଙ୍କ ସ୍ୱାମୀଙ୍କୁ ପୋଲିସ ଟାଣି ଟାଣି ନେଇ ଗାଡିରେ ବସାଇ ଥାନାକୁ ନେଇ ଯାଇଥିଲା। ସେଠାରେ ରାତ୍ର ଭୋଜନ ନ ଦେଇ ପରଦିନ ଅପରାହ୍ନ ଅଢେଇଟା ପର୍ଯ୍ୟନ୍ତ ତାଙ୍କୁ ଭୋକରେ ରଖାଯାଇଥିଲା। କଳ୍ପଲତା ଥାନାକୁ ଯାଇ ସ୍ୱାମୀଙ୍କୁ ଛାଡି ଦେବା ସକାଶେ ନେହୁରା ହୋଇଥିଲେ ମଧ କେହି ଶୁଣି ନ ଥିଲେ। ତାଙ୍କ ସ୍ୱାମୀ ଓ ୧୭ ବର୍ଷର ପୁଅକୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ପାଲଟା ଧମକ ଦିଆଯାଇଥିଲା। ରାଜେନ୍ଦ୍ର ମହାକୁଡଙ୍କ ନାମରେ ଗ୍ରାମରେ ଅନ୍ୟ ଜଣେ ବ୍ୟକ୍ତି ରହୁଥିବା ଏବଂ ସେ ପୁରୁଣା ମାମଲାରେ ସମ୍ପୃକ୍ତ ଥିବା ସେମାନେ କେତେକ ସୂଚନା ଓ ପ୍ରମାଣପତ୍ର ଆଣି ଦେବା ସତ୍ତ୍ୱେ ପୋଲିସ ରାଜେନ୍ଦ୍ରଙ୍କୁ ଛାଡି ନ ଥିଲା । ଏପରି କି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯାଇ ଥାନାକୁ ଡାକି ଆଣ ବୋଲି କହି କେତେକ କାଗଜରେ ଦସ୍ତଖତ କରିବାକୁ ପୋଲିସ ବାଧ କରିଥିଲା । କଳ୍ପଲତାଙ୍କ ଦେଢସୁର ଦସ୍ତଖତ ଦେବାକୁ ରୋକ୍‌ଠୋକ ମନା କରିବାରୁ ପୋଲିସ ଅନ୍ୟ କୌଣସି ଉପାୟ ନ ପାଇ ପରେ ଅଧିକ ତଦନ୍ତ କରି ଶେଷରେ ପ୍ରକୃତ ଅଭିଯୁକ୍ତଙ୍କୁ ଥାନାକୁ ଧରି ଆଣିଥିଲା। ଏହାପରେ ଅପରାହ୍ନ ସାଢେ ୪ଟା ବେଳକୁ ରାଜେନ୍ଦ୍ରଙ୍କୁ ଛଡାଯାଇଥିଲା। ପ୍ରକୃତ ଅନୁସନ୍ଧାନ ନ କରି ପୋଲିସ ଅନ୍ଧାରରେ ଏଭଳି ବାଡି ବୁଲାଇ ସାଧାରଣ ଲୋକଙ୍କୁ ହଇରାଣ କରିବା ଘଟଣା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବାମେବାରୀ ଥାନା ସବଇନ୍ସପେକ୍ଟର ପ୍ରତିଭା ସାହୁଙ୍କୁ ପଚାରିବାରୁ କହିଛନ୍ତି, ପୋଲିସର ତଦନ୍ତ କାର୍ଯ୍ୟ ନେଇ ହୋଇଥିବା ଅଭିଯୋଗ ଭିତ୍ତିହୀନ। ରାଜେନ୍ଦ୍ର ମହାକୁଡଙ୍କୁ ଯାଞ୍ଚ ପାଇଁ ଥାନାକୁ ଅଣାଯାଇଥିଲା । ପ୍ରକୃତ ଅଭିଯୁକ୍ତ ଠାବ ହେବା ପରେ ତାଙ୍କୁ ଛାଡି ଦିଆଯାଇଛି । ବାମେବାରୀ ଥାନା ଅଧିକାରୀ ଦାୟିତ୍ୱରେ ଥିବା ପରେଶ କୁମାର ମହାନ୍ତି କହିଛନ୍ତି, ୨୦୦୦ ମସିହାର ଏକ ପୁରଣା ମାମଲା ଅନୁଯାୟୀ ନମ୍ପିରା ଗ୍ରାମର ରାଜେନ୍ଦ୍ର ମହାକୁଡଙ୍କ ନାମରେ ଗିରଫ ପରଓ୍ୱାନା ଜାରି ହୋଇଥିଲା। ଏହାର ସବିଶେଷ ରେକର୍ଡ ଯୋଡା ଥାନାରୁ ମିଳିଥିଲା । ଥାନାରେ ଉକ୍ତ ମାମଲାର ଯାଞ୍ଚ ସକାଶେ ରାଜନ୍ଦ୍ରଙ୍କୁ ଆଣି ଅଟକ ରଖାଯାଇଥିଲା। ତାଙ୍କ ପତ୍ନୀ ଓ ତାଙ୍କ ବଡଭାଇ ଭୋଟରକାର୍ଡ ଏବଂ ଅନ୍ୟ ପରିଚୟପତ୍ର ଦେଖାଇବା ପରେ ତାଙ୍କୁ ଛାଡି ଦିଆଯାଇଛି। ଧରାପଡିଥିବା ଅଭିଯୁକ୍ତ ନିଜ ନାମକୁ ଗୋପନ ରଖି ଛଦ୍ମ ନାମରେ ରହୁଥିଲେ ବୋଲି ପୋଲିସ କହିଛି।

### ତିତ୍‌ଲି କଲା ବେସାହାରା

**ଢେଙ୍କିକୋଟ, ୧୩।୧୦(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଆଦିବାସୀ ଅଧୁଷିତ ଅଞ୍ଚଳ। ଏହି ଅଞ୍ଚଳରେ ବହୁ ମାଟିଘର ସାଙ୍ଗକୁ ମାଟି କାନ୍ଥ ଖଟିମାଟି ଘରେ ବହୁ କଷ୍ଟରେ ଚଳୁଛନ୍ତି ବହୁ ଆଦିବାସୀ ପରିବାର। ଲଘୁଚାପ ଜନିତ ଲଗାଣ ବର୍ଷାରେ ବହୁ ଘର କାନ୍ଥ ଭାଙ୍ଗିଯାଇଥିବାବେଳେ ଚଳିତ ବର୍ଷ ତିତ୍‌ଲି ବର୍ଷା ପବନରେ ମଧ୍ୟ ବହୁ ଘର ଦ୍ୱାର ଭାଙ୍ଗିପଡ଼ିଛି। ବହୁ ପରିବାର ବେସାହାରା ହୋଇପଡ଼ିଛନ୍ତି। ଢେଙ୍କିକୋଟ ପିଇଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘର ଭାଙ୍ଗିଯିବା ସମ୍ପର୍କରେ ଯିଏ ଅଭିଯୋଗ କରିଛନ୍ତି ଆମ୍ଭେ ଯାଇ ଘର ଦେଖି ଫଟୋ ଉଠାଇ ବିଡ଼ିଓଙ୍କୁ ଅବଗତ କରାଇବୁ। ସେମାନଙ୍କ ମଧ୍ୟରେ ମହେଶ୍ୱର ନାୟକ ସୀତା ମହାକୁଡ଼ ଥିବାବେଳେ ସୀତାମହାକୁଡ଼ ଓ ମହେଶ୍ୱର ନାୟକଙ୍କ ଘର ପୂର୍ବରୁ ଭାଙ୍ଗିଥିଲା। କିନ୍ତୁ ତିତ୍‌ଲି ପ୍ରଭାବରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଯେଉଁଥିପାଇଁ ସେମାନେ ବେସାହାରା ହୋଇପଡ଼ିଛନ୍ତି। ପଇଦାପାଟଣା ପଞ୍ଚାୟତ ଦୁଷ୍ଟରୀପଶି ଗ୍ରାମର ହୃଷିକେଶ ବେହେରାଙ୍କ ଘର ଭାଙ୍ଗିଯାଇଛି। ଅତ୍ୟନ୍ତ ଗରିବ ହୋଇଥିବାରୁ ଏମାନେ ପର ବାରଣ୍ଡାରେ ଦିନ ବିତାଉଛନ୍ତି। ଏଣୁ ଉକ୍ତ ପରିବାରଗୁଡ଼ିକୁ ତୁରନ୍ତ ବିଜୁ ପକ୍କାଘର ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ରୋଗୀଙ୍କ ପାଖରେ ପହଞ୍ଚୁନି ନିରାମୟ ଔଷଧ

**ଚମ୍ପୁଆ, ୧୩।୧୦(ଡି.ଏନ.ଏ.)**




ଡାକ୍ତରଖାନାରେ ଝୁଲୁଛି ନିରାମୟ ଔଷଧର ତାଲିକା।

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ନିରାମୟ ଯୋଜନା ଏକ ପ୍ରକାର ଅପହଞ୍ଚ ହୋଇପଡ଼ିଛି। ରୋଗୀମାନେ ଔଷଧ ପାଇପାରୁନାହାନ୍ତି। ୧୯୧୦ ମସିହାରେ ନିର୍ମିତ ଏହି ଚିକିତ୍ସାଳୟ କେନ୍ଦୁଝର, ମୟୂରଭଞ୍ଜ ଓ ଝାଡଖଣ୍ଡର ରୋଗୀମାନଙ୍କୁ ସେବା ଯୋଗାଇ ଆସୁଥିଲେ ମଧ ସରକାରଙ୍କ ପକ୍ଷରୁ ମାଗଣା ଔଷଧ ପ୍ରଦାନ ପାଇଁ କରାଯାଇଥିବା ନିରାମୟ ଯୋଜନାରେ ବହୁ ସମୟରେ ଔଷଧ, ଇଞ୍ଜେକ୍ସନ ଏପରିକି ସିରିଞ୍ଜର ମଧ ଅଭାବ ଦେଖିବାକୁ ମିଳିଛି।

ନିରାମୟ ଯୋଜନା ଅନ୍ତର୍ଭୁକ୍ତ ଔଷଧ ଛଡା ବାହାରୁ ଔଷଧ ନ ଲେଖିବା ପାଇଁ ଡ୍ୟୁଟି ସମୟରେ ଡାକ୍ତରମାନଙ୍କୁ କଡାକଡି ନିୟମ କରାଯାଇଛି । ହେଲେ ଡାକ୍ତରମାନେ ଔଷଧ ଚିଠାରେ ରୋଗୀମାନଙ୍କ ନିମିତ୍ତ ନିରାମୟ ଯୋଜନାରେ ମିଳୁଥିବା ଔଷଧ ଲେଖୁଥିଲେ ମଧ ତାହା ଏହି ଚିକିତ୍ସାଳୟରେ ଉପଲବ୍ଧ ହେଉନାହିଁ । ସୂଚନା ଅନୁସାରେ ୨୦୧୬ ମସିହାରେ ସରକାରଙ୍କ ପକ୍ଷରୁ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ ପାଇଁ ନିରାମୟ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆରମ୍ଭ କରି ଉପଖଣ୍ଡ ଚିକିତ୍ସାଳୟ ଓ ଜିଲା ଚିକିତ୍ସାଳୟରେ ରୋଗୀମାନଙ୍କୁ ନିରାମୟ ଯୋଜନାରେ ସୁବିଧା ଯୋଗାଇ ଦିଆଯାଉଥିଲା। ହେଲେ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ୧୪୯ ଗୋଟି ଔଷଧ ମଧ୍ୟରୁ ଅନେକ ଔଷଧ ମିଳୁନାହିଁ । ବିଶେଷ ଭାବରେ ଶିଶୁ ରୋଗ ପାଇଁ ଉପଲବ୍ଧ ହେଉଥିବା ଔଷଧର ଅଭାବ ଦେଖା ଦେଇଛି । ତେଣୁ ରୋଗୀମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହି ଚିକିତ୍ସାଳୟକୁ ପ୍ରତ୍ୟେହ ଶହଶହ ରୋଗୀ ଆସୁଥିଲେ ମଧ ସରକାରୀ ଯୋଜନାର ସୁଫଳ ନ ପାଇ ଲୋକମାନେ ନାନା ପ୍ରକାର ହଇରାଣ ହୋଇ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହିତ ଆବଶ୍ୟକତା ଅନୁସାରେ ଔଷଧ ଯୋଗଇ ଦେବା ପାଇଁ ଲୋକେ ଦାବି କରିଛନ୍ତି।

### ବଢୁଛି ଅପରାଧ ଘଟଣା, ଅଡୁଆରେ ପୋଲିସ

**ଆନନ୍ଦପୁର, ୧୩। ୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧ ଘଟଣା ବଢି ଚାଲିଛି। ତଦନ୍ତ କାର୍ଯ୍ୟରେ ପୋଲିସର ଭୂମିକା ନେଇ ବିଭିନ୍ନ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଘସିପୁରା ଅଞ୍ଚଳରେ ଜଣେ ଭାଜପା ଯୁବ ନେତାଙ୍କ ଉପରେ ଆକ୍ରମଣ ଘଟଣାରେ ପୋଲିସ ମାମଲା( ନଂ.୧୮୦/୧୮) ମାମଲା ରୁଜୁ କରିଥିଲେ ମଧ ଅଭିଯୁକ୍ତଙ୍କୁ ଧରି ପାରି ନାହିଁ । ବେଲବାହାଳି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅମିୟ କୁମାର ରାଉତଙ୍କୁ ଗତ୨ ତାରିଖରେ ମରଣାନ୍ତକ ଆକ୍ରମଣ କରାଯାଇ ଟଙ୍କା ଛଡାଇ ନିଆଯିବା ଘଟଣା ନେଇ ପୋଲିସ ଏକ ମାମଲା ( ନଂ. ୧୯୪/୧୮) ରୁଜୁ କରି ବସି ରହିଛି। ଅଦ୍ୟାବଧି କେହି ଧରା ପଡି ନ ଥିବାରୁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଉପରକୁ ହୋଇଥିବା ଆକ୍ରମଣ ଓ ରାଜନୈତିକ ହିଂସାକୁ ନେଇ ଏଠାରେ ପୋଲିସ ବିବାଦରେ ଛନ୍ଦି ହୋଇପଡିଛି। ରାମଚନ୍ଦ୍ରପୁର ଥାନା ଅଧୀନ ଗଡବାନ୍ଧଗୋଡା ଠାରେ ଠିକାଦାରଙ୍କ କ୍ୟାମ୍ପ ପୋଡି ଭଳି ଅପରାଧ ଘଟଣାରେ ଏଯାଏ ପୋଲିସକୁକିଛି ଟେର୍ ମିଳି ନାହିଁ । ରାଜନୈତିକ ସମ୍ବେଦନ ଅଞ୍ଚଳରେ ଘଟୁଥିବା ହିଂସା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଞ୍ଚଳବାସୀ ପୋଲିସ ଉଚ୍ଚକର୍ତ୍ତୃପକ୍ଷ ଓ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ମଧୁମେହ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**କେନ୍ଦୁଝର, ୧୩।୧୦ (ସ୍ୱ.ପ୍ର)**

ମଧୁମେହ ଉପରେ ବିଜୟ ଶୀର୍ଷକ ସଚେତନତା, ଶିକ୍ଷା ଓ ନିରାକରଣ ଶିବିର ଶନିବାର ସ୍ଥାନୀୟ କାଳୀପଡିଆ ଠାରେ ଶୁଭାରମ୍ଭ ହୋଇଛି । ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ଖବରଦାତା ବ୍ରହ୍ମକୁମାର ଡ. ଅରୁଣ ପଣ୍ଡା ଯୋଗଦେଇ ନିରୋଗ ରହିବା ପାଇଁ ରାଜ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ, ଡାକ୍ତର, ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି ସାମିଲ ହୋଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଗ୍ଲୋବାଲ ହସପିଟାଲ, ମାଉଣ୍ଟଆବୁ, ରାଜସ୍ଥାନରୁ ଆସିଥିବା ବରିଷ୍ଠ ମଧୁମେହ ବିଶେଷଜ୍ଞ ଡାକ୍ତର ଶ୍ରୀମନ୍ତ ସାହୁ ମଧୁମେହ ରୋଗର କାରଣ, ନିରାକରଣ ସମ୍ପର୍କରେ ପରାମର୍ଶଦେଇ ସଚେତନତାର ବାର୍ତ୍ତା ଦେଇଥିଲେ। ବ୍ରହ୍ମକୁମାରୀଜ୍ କଟକ ସବଜୋନର ଅତିରିକ୍ତ ନିର୍ଦ୍ଦେଶିକା ତଥା ଜ୍ଞାନ ଦର୍ପଣ ପତ୍ରିକାର ମୁଖ୍ୟ ସମ୍ପାଦିକା ବ୍ରହ୍ମକୁମାରୀ ସୁଲୋଚନା ଦିଦିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କେନ୍ଦୁଝର ସେବା କେନ୍ଦ୍ରର ସଂଚାଳିକା ବ୍ରହ୍ମକୁମାରୀ ବିନ୍ଦୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବ୍ରହ୍ମକୁମାରୀ ପ୍ରତିଭା ସଭା ପରିଚାଳନା କରିଥିଲେ ।

## ଫକୀରପୁର ହାଇସ୍କୁଲରେ ମୋ ସ୍କୁଲ କମିଟି ଗଠିତ

**ଆନନ୍ଦପୁର, ୧୩। ୧୦(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ହାଇସ୍କୁଲରେ ମୋ ସ୍କୁଲ କମିଟି ଗଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରାମ ସାହୁଙ୍କ ଆହ୍ୱାନକ୍ରମେ ବହୁ ସଂଖ୍ୟାରେ ପୁରାତନ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଏହି କମିଟି ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସରକାରଙ୍କ ଗାଇଡ ଲାଇନ୍ସ ଅନୁଯାୟୀ ପ୍ରଧାନ ଶିକ୍ଷକ ଶିବରାମ ସାହୁ ଉପସ୍ଥିତ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ମୋ ସ୍କୁଲ କମିଟି ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରିଥିଲେ। ମାଧବାନନ୍ଦ ପଣ୍ଡାଙ୍କୁ ମୋ ସ୍କୁଲ କମିଟିର ସଭାପତି ଭାବେ ସର୍ବସମ୍ମତରେ ମନୋନୟନ କରାଯାଇଥିଲା। ବିଦ୍ୟାଳୟ ସମ୍ମୁଖରେ କିଛି ଅଣଛାତ୍ର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଯିବା ଆସିବା ସମୟରେ ଅସୁବିଧାରେ ପକାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇବା ସହିତ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ମିଳିତ ଭାବେ ଆନନ୍ଦପୁର ଥାନାରେ ଅଭିଯୋଗ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ରେବତୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଚାଷ ଜମିର ସୁରକ୍ଷା ଲାଗି ପୂଜାର୍ଚ୍ଚନା

**ତେଲକୋଇ, ୧୩।୧୦(ଡି.ଏନ.ଏ.)**

ବଣୁଆ ହାତୀ ପଲ ବିଭିନ୍ନ ପଞ୍ଚାୟତରେ ଧାନ କ୍ଷେତ ଉଜାଡିବାରେ ଲାଗିଛନ୍ତି । ଜଙ୍ଗଲ ବିଭାଗ ଓ ଗ୍ରାମବାସୀ ଧାନ କ୍ଷେତକୁ ସୁରକ୍ଷା ପାଇଁ ରାତି ଉଜାଗର ହୋଇ ବିଫଳ ହୋଇଛନ୍ତି । ଏନେଇ ଚାଷୀଙ୍କ ଅଭିନବ ଉପାୟରେ ଗ୍ରାମ ଦେବତୀଙ୍କ ପାଖରେ ନୂଆଲୁଗା ପୂଜାର୍ଚ୍ଚନା କରି କ୍ଷେତରେ ବାନ୍ଧିଲେ ହାତୀଙ୍କ କବଳରୁ ଧାନ କ୍ଷେତ ସୁରକ୍ଷା ହେବ ବୋଲି ଚାଷୀମାନେ କହିଛନ୍ତି। । ନୂଆ ଲୁଗା ପୂଜାର୍ଚ୍ଚନା କରି ଧାନ କ୍ଷେତରେ ଲଗାଇଲେ ହାତୀମାନେ ଆସୁନାହାନ୍ତି। ବନବିଭାଗ ଓ ଗ୍ରାମବାସୀଙ୍କ ସହାୟତା ନେଇ ଚାଷୀଙ୍କ ଧାନକ୍ଷେତ ସୁରକ୍ଷା ଦେବା ଉଦ୍ୟମ ଜାରି ରହିଛି ।

## ହାତୀ ପଲ ଉଜାଡ଼ିଲେ ଫସଲ

**ଝୁମ୍ପୁରା, ୧୩।୧୦ (ଡି.ଏନ.ଏ.)**

କିଛି ଦିନର ନିରବତା ପରେ ପୁଣି ହାତୀପଲ ଜଙ୍ଗଲରୁ ଗାଁ ମୁହାଁ ହୋଇଛନ୍ତି। ଏହି ହାତୀ ପଲରେ ୨ଟି ଦନ୍ତା ଏବଂ ଛୁଆ ହାତୀ ସମେତ ସମୁଦାୟ ୩୦ଟି ହାତୀ ରହିଥିବା ସୂଚନା ମିଳିଛି। ଜଙ୍ଗଲ ତଳି ଅଞ୍ଚଳରେ ଅବସ୍ଥିତ ମଲଦା ପଞ୍ଚାୟତର ଗୋଡୁଆଟୋପା ଗାଁ ଖମାରରେ ହାତୀ ପଲ ପଶି ଧାନ ଫସଲ ମାଡିଦଳି ନଷ୍ଟ କରି ଦେଇଛନ୍ତି।

ରାତିରେ ଗାଁ ଖମାରକୁ ହାତୀ ପଲ ପଶି ଆସୁଥିବା ବେଳେ, ନିକଟସ୍ଥ କାଳିଆପାଳ ଜଙ୍ଗଲରେ ଦିନବେଳା ହାତୀପଲ ରହୁଛନ୍ତି। ଏଥିପାଇଁ ଗାଁ ଲୋକେ ଏକପ୍ରକାର ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗୋଡୁଆଟୋପା ଗାଁର ଚାଷୀ ମୋହନ ମହାନ୍ତ, ଗୋପାଳ ମୁଣ୍ଡା, ମଧୁ ମୁଣ୍ଡା, ମଙ୍ଗଲ ମୁଣ୍ଡା, ସାମୁ ମୁଣ୍ଡା, ବେଣୁ ନାଏକ ପ୍ରମୁଖ ଫସଲ ନଷ୍ଟ ନେଇ ବାମେବାରୀ ଫରେଷ୍ଟ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ହାତୀପଲ ଘଉଡାଇବା ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଥିବା, ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁ କହୁଥିବା ବେଳେ, ପ୍ରକୃତ ପକ୍ଷେ ତାହା କରାଯାଉନାହିଁ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଜଙ୍ଗଲ ପାଶବର୍ତ୍ତୀ ଗାଁ ଗୁଡିକରେ ଲାଇଟ ବାଣ ଦିଆଯାଉ ନ ଥିବା ନେଇ ମଧ୍ୟ ଗ୍ରାମବାସୀ କହିଛନ୍ତି। ଜିଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ହାତୀପଲ ନଷ୍ଟ କରିଥିବା ଧାନ ଫସଲ।

# ପଲିଥିନ ତଳେ ଅସହାୟ ଜୀବନ

**ରାଇସୁଆଁ, ୧୩।୧୦(ଡି.ଏନ.ଏ.)**



ଅସ୍ଥାୟୀ ଘରେ ଶିରପାଣିଙ୍କ ପରିବାର।

- ଶେଷ ହୋଇପାରୁନି ଆବାସ ଯୋଜନା ଘର
- ବିବାଦରେ ଛନ୍ଦିହୋଇ ପଡିଛନ୍ତି ଶିରପାଣି
- ଲଗାଣବର୍ଷାରେ ବିପନ୍ନ ୬ ପ୍ରାଣୀ କୁଟୁମ୍ବ

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତର ଏକ ଅବହେଳିତ ଗାଁ ଡାଳିମାପୁରାଁ। ଏହି ଗାଁର ଜଣେ ଅସହାୟ ଗରିବ ଆଦିବାସୀ ଶିରପାଣି ବେହେରା ୬ପ୍ରାଣୀ କୁଟୁମ୍ବ ସହ ପଲିଥିନ ତଳେ ମୁଣ୍ଡ ଗୁଞ୍ଜି ରହୁଛନ୍ତି। ଲଗାଣ ବର୍ଷା ଏହି ପରିବାର ଉପରେ ଦାଉ ସାଧିଛି। ବିପନ୍ନ ଅବସ୍ଥାରେ ସେମାନେ ଏବେ ଦିନ ବିତାଉଛନ୍ତି। ସରକାରଙ୍କଠାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ଲାଗି କାର୍ଯ୍ୟାଦେଶ ପାଇଥିଲେ ବି ଶିରପାଣି ଜମିଜମା ବିବାଦ ଲାଗି ନିର୍ମାଣ କାର୍ଯ୍ୟ ଶେଷ କରିପାରୁ ନାହାନ୍ତି। ଗ୍ରାମାଞ୍ଚଳର ଗରିବ ଓ ଭୂମିହୀନ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏହି ଗରିବ ପରିବାର ଉପେକ୍ଷିତ ହେବା ପ୍ରଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶିରପାଣି ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ଆବେଦନ କରିବା ପରେ ତାଙ୍କୁ ପ୍ରଶାସନ ପକ୍ଷରୁ କାର୍ଯ୍ୟାଦେଶ ମିଳିଥିଲା। ପ୍ରଥମ କିସ୍ତିରେ ୨୦ହଜାର ଓ ୨ୟ କିସ୍ତିରେ ୩୫ ହଜାର ଟଙ୍କା ପାଇଥିଲେ। ଏହି ଘରେ ମୁଣ୍ଡ ଗୁଞ୍ଜିତ ରହିବା ଆଶାରେ ସେ ଛାତ ପର୍ଯ୍ୟନ୍ତ ନିର୍ମାଣ କରି ସାରିଥିଲେ। କୌଣସି ପ୍ରକାରେ ଛାତପକା କାମ ସାରିବା ସକାଶେ ସେ ଦିନରାତିକୁ ଏକକରି ଲାଗି ପଡିଥିବା ବେଳେ ଘର ତିଆରି ହେଉଥିବା ଜାଗାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଏହା ବ୍ୟକ୍ତିଗତ ଜମି ବୋଲି ଜଣେ ଦାବି କରିବା ପରେ ପ୍ରଶାସନର ନିର୍ଦ୍ଦେଶ କ୍ରମେ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଛି। ଏହାର ସମାଧାନ ଲାଗି ଶିରପାଣି ପ୍ରଶାସନକୁ ଗୁହାରି କରିବା ପରେ ତହସିଲଦାର, ବିଡିଓ ଜମିର ମାପଚୁପ କରାଇଥିଲେ। ସେତେବେଳେ ଏହା ସରକାରୀ ଜମି ବୋଲି କୁହାଯାଇଥିଲା। ହେଲେ ଏଯାଏ ଶିରପାଣିଙ୍କୁ ଘର ତିଆରି କରିବାକୁ କୁହାଯାଉ ନ ଥିବାରୁ ଏହି ଗୃହହୀନ ପରିବାର ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ଶିରପାଣିଙ୍କ ଘର ତିଆରି ଜାଗାକୁ ନେଇ ଲୋକଙ୍କ ମନରେ ଏବେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଜମିର ମାଲିକାନା ନ ଦେଖି କିପରି କାର୍ଯାଦେଶ ଦିଆଗଲା ତାହାର ଉତ୍ତର କାହାଠାରୁ ମିଳୁ ନାହିଁ । ଶିରପାଣି ଭୂମିହୀନ ପରିବାର ହୋଇଥିଲେ ମଧ ତାଙ୍କୁ ଜମିପଟ୍ଟା ନ ମିଳିବା ଶାସନିକ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଦିଗିଙ୍କୁ ପଚାରିବାର ଶିରପାଣି ନିରାଶ୍ରୟ ଓ ଗରିବ ହୋଇଥିବାରୁ ତାଙ୍କୁ ଗୃହ ଯୋଗାଇ ଦିଆଯାଇଥିଲା ବୋଲି କହିଛନ୍ତି। ସଦର ବିଡିଓ ଆଦିକନ୍ଦ ବେହେରା କହିଛନ୍ତି, ଶିରପାଣିଙ୍କ ଅଭିଯୋଗ ଉପରେ ଅନୁଧ୍ୟାନ ଚାଲିଛି। ସେ ସରକାରୀ ଜମିରେ ଘର କରିଥିଲେ, ସାର୍ଟିଫିକେଟ ମାମଲା ରୁଜୁ କରାଯାଇ ତାଙ୍କଠୁଁ ଅର୍ଥ ଆଦାୟ କରାଯିବ। ତେବେ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଶିରପାଣି ଘର ତିଆରି କରିଥିବା ଜମିକୁ ତାଙ୍କ ନାଁରେ ପଟ୍ଟା କରାଇ ଦେବା ସକାଶେ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବଜାର ଅଞ୍ଚଳରେ ଆବର୍ଜନା ନେଇ ଡେଙ୍ଗୁ ଆଶଙ୍କା

**ତେଲକୋଇ,୧୩।୧୦(ଡି.ଏନ.ଏ.)** ତିତ୍‌ଲି ପ୍ରଭାବରେ ମ୍ୟାଲେରିଆ ଓ ଡେଙ୍ଗୁ ଆତଙ୍କ ଆରମ୍ଭ ହୋଇଛି। ତେଲକୋଇ ଅଞ୍ଚଳରେ ଏହାର ସଚେତନତା ନ ଥିବା ସ୍ଥଳେ ବଜାର ଅଞ୍ଚଳରେ କୁଢ କୁଢ ଆବର୍ଜନା ଯୋଗୁ ଡେଙ୍ଗୁ ଆଶଙ୍କା ସୃଷ୍ଟି ହୋଇଛି। ଏହି ଅଞ୍ଚଳ ମ୍ୟାଲେରିଆ ପ୍ରବଣ ହୋଇଥିବା ବେଳେ ଆବର୍ଜନାକୁ ସଫା ସୁତୁରା କରିବା ଉଦ୍ୟମ କରାଯାଇ ପାରିନାହିଁ। ସ୍ଥାନୀୟ ଅଞ୍ଚଳରେ ଦୈନିକ ଶହେରୁ ଉର୍ଦ୍ଧ୍ୱ ମ୍ୟାଲେରିଆ ରୋଗୀ ପହଞ୍ଚୁଥିବା ବେଳେ ତାଙ୍କର ଚିକିତ୍ସା କରାଯାଉଛି। ଚିକିତ୍ସା ବିଭାଗ ପକ୍ଷରୁ ୨୦୧୬-୧୭ ମସିହାରେ ମ୍ୟାଲେରିଆରେ ପୀଡ଼ିତ ହୋଇ ୪୫ରୁ ଉର୍ଦ୍ଧ୍ୱ ଲୋକେ ମୃତ୍ୟୁବରଣ କରିଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଉଛି। ତେବେ ଡେଙ୍ଗୁ ରୋଗୀ ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରାଯାଇ ନ ଥିବା ସୂଚନା ମିଳିଛି। ତେବେ ଡେଙ୍ଗୁ ପରିମଳ ବଜାର ଅଞ୍ଚଳରେ ଆବର୍ଜନାକୁ ସଫା କରିବା ଲାଗି ତୁରନ୍ତ ବ୍ଲକ ଅଧକ୍ଷ ମମତା ଦେହୁରୀ ଦାବି କରିଛନ୍ତି । ସ୍ଥାନୀୟ ଚିକିତ୍ସାଧିକାରୀ ବି.ବି ପାତ୍ର କହିଲେ ଯେ ଏନେଇ ସ୍ଥାନୀୟ ବିଡିଓଙ୍କୁ ଚିଠି ପଠାଯାଇଛି। ତୁରନ୍ତ ବଜାର ଅଞ୍ଚଳ ସମେତ ଆବର୍ଜନା ଥିବା ସ୍ଥାନକୁ ସଫା କରିବା ପାଇଁ ଯୋଜନା କରାଯାଇଛି।

### ବିଏଲଓଙ୍କ ବିରୋଧରେ ଅଭିଯୋଗ
### ଭୋଟର କାର୍ଡ ଦେଇ ଅର୍ଥ ଆଦାୟ

**ଚମ୍ପୁଆ,୧୩।୧୦(ଡି.ଏନ.ଏ.)**-କେନ୍ଦୁଝର ଜିଲା ଚମ୍ପୁଆତର ଟଙ୍ଗୁଆବାହାଲ ଅଞ୍ଚଳର ଭୋଟର କାର୍ଡ ବଣ୍ଟନ ବେଳେ ବିଏଲଓ ଅର୍ଥ ଦାବି କରାଯାଇଥିବା ନେଇ ଚମ୍ପୁଆ ଉପଜିଲାପାଳଙ୍କ ଠାରେ ସ୍ଥାନୀୟ ଅଧିବାସୀ ଲିଖିତ ଅଭିଯୋଗ କରିଛନ୍ତି। ଉପଜିଲାପାଳ ଏହାକୁ ଚମ୍ପୁଆ ନିର୍ବାଚନ କାର୍ଯ୍ୟାଳୟକୁ ପଠାଇବା ପରେ ଭାରପ୍ରାପ୍ତ ନିର୍ବାଚନ ଅଧିକାରୀ ଚାରୁଲତା ସିଂ ଜିଲାପାଳଙ୍କ ଅବଗତି ନିମନ୍ତେ ଅଭିଯୋଗକୁ ପ୍ରେରଣ କରିଥିବା ସୂଚନା ଦେଇଛନ୍ତି। ଲେବୁଲ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଜଣେ ଶିକ୍ଷୟିତ୍ରୀ ୨୦୧୯ ନିର୍ବାଚନ ପାଇଁ ବର୍ତ୍ତମାନ ଭୋଟର କାର୍ଡ ସଂଶୋଧନ, ସଂଯୋଗ ଓ ନୂତନ ଭୋଟର କାର୍ଡ ଇତ୍ୟାଦି କାର୍ଯ୍ୟ ତତ୍ତ୍ୱାବଧାନ କରୁଛନ୍ତି। ଯେଉଁ ଭୋଟରମାନେ ପୂର୍ବରୁ ଏହି ସବୁ କାର୍ଯ୍ୟ କରିଥିଲେ । ସେମାନଙ୍କୁ ମିଳିଥିବା ମିଳିଥିବା ନୂତନ ଭୋଟର କାର୍ଡ ବଣ୍ଟନ କରାଯାଇଛି। ସେହି ସମୟରେ ଅର୍ଥଦାବି କରାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ବିଜୟ କୁମାର ମାଝୀ, ଚନ୍ଦ୍ରମଣୀ ମାଝୀ, ବିକ୍ରମ ମାଝୀ, ଅନିଲ କୁମାର ମାଝୀ ସମେତ ୪୯ଜଣ ଲିଖିତ ଭାବେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀଙ୍କ ଠାରେ ଅଭିଯୋଗ କରିଛନ୍ତି। ଏ ନେଇ ଭାରପ୍ରାପ୍ତ ନିର୍ବାଚନ ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି ଯେ, ଦରଖାସ୍ତଟିକୁ ଜିଲାପାଳଙ୍କ ନିକଟକୁ ପଠାଯାଇଛି। ସେଠାରୁ ନିର୍ଦ୍ଦେଶ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମୂର୍ତ୍ତି କଳାରେ ଦିଅନ୍ତି ସଚେତନତାର ବାର୍ତ୍ତା



ନିଆରା ଶିଳ୍ପୀ କରୁଣାକର।

**ସନ୍ତୋଷ କୁମାର ନାୟକ**
**ସିମୁଳିଆ, ୧୩।୧୦**

ତାଙ୍କ ହାତଛୁଆଁରେ ମାଟିର ମୂର୍ତ୍ତି ହୋଇଉଠେ ଜୀବନ୍ତ। ସୃଜନଶୀଳ ପରିକଳ୍ପନାକୁ ସେ ମୂର୍ତ୍ତି କଳାରେ ରୂପାୟିତ କରି ସମାଜକୁ ଆଧ୍ୟାତ୍ମିକ, ସଚେତନତାର ବାର୍ତ୍ତା ଦେଇ ଆସୁଛନ୍ତି। ପୂଜା ପାର୍ବଣ ଆସିଲେ ମୁହୂର୍ତ୍ତେ ବିଶ୍ରାମ ନ କରି ମୂର୍ତ୍ତି ନିର୍ମାଣରେ ସେ ନିମଗ୍ନ ହୋଇଯାଆନ୍ତି। ଯୁବାବସ୍ଥାରୁ ଏହି କଳାକୁ ଆଦରି ଆଗକୁ ବଢିଛନ୍ତି। ନିଜ ପିଲାଙ୍କୁ ଏହି କଳାରେ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଦେଉଛନ୍ତି। କାହାଠାରୁ ନିଜେ କଳା ଶିକ୍ଷା କରି ନ ଥିଲେ ମଧ ସୃଜନଶୀଳ ଚିନ୍ତା ନେଇ ମୂର୍ତ୍ତିକଳାର ବିକାଶ ଘଟାଇଛନ୍ତି। ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ପଥର ଓ ସିମେଣ୍ଟରେ ମୂର୍ତ୍ତି ତିଆରିରେ ସେ ବେଶ୍ ମାହିର।

ମୂର୍ତ୍ତିକଳାର ଏହି ପ୍ରବୀଣ ଶିଳ୍ପୀ ହେଲେ କରୁଣାକର ମହାରଣା। ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ରିଆ ଅଞ୍ଚଳରେ। ଓଡିଶା ଓ ଓଡିଶା ବାହାରେ ନିଜ କଳା ନୈପୁଣ୍ୟ ପ୍ରଦର୍ଶନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅନେକ ପ୍ରମାଣପତ୍ର ଓ ପ୍ରଶଂସା ପାଇଛନ୍ତି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ଉତ୍ସବରେ ୫ବର୍ଷ ପୂର୍ବେ ମିଳିଥିବା ରାଜ୍ୟ ସ୍ତରୀୟ ସମ୍ମାନ ତାଙ୍କ ପାଇଁ ଏକ ଅଭୁଲା ସ୍ମୃତି। କରୁଣାକର କୁହନ୍ତି, ପାରିବାରିକ ଦୁଃସ୍ଥିତିକୁ ନେଇ ସେ ପିଲାଦିନେ ପଞ୍ଚମ ଶ୍ରେଣୀରୁ ଅଧିକ ପାଠ ପଢପାରି ନ ଥିଲେ। ୨୦ବର୍ଷ ବୟସରୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଏ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ୩ ଭାଇ ଓ ୨ ଭଉଣୀଙ୍କ ସମେତ ସ୍ତ୍ରୀ, ୨ଝିଅ ଓ ଜଣେ ପୁଅଙ୍କୁ ନେଇ ତାଙ୍କ ପରିବାର। ଏକମାତ୍ର ପୁତ୍ର ଗଣେଶଙ୍କୁ ସେ ଚାକିରି ପଛରେ ନ ଗୋଡାଇ ସ୍ୱାବଲମ୍ବୀ ହେବା ପାଇଁ ମୂର୍ତ୍ତି ନିର୍ମାଣ କଳା ଶିକ୍ଷା ଦେଇଛନ୍ତି। ଗତ ବର୍ଷ ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଓଡିଆ ସଙ୍ଗଠନ ଡାକରାରେ ସେ ପ୍ରଶାନ୍ତି ଯାଇଥିଲେ। ସେହିପରି ଦିଲ୍ଲୀର ଅସ୍ଥଲ ଅଞ୍ଚଳରେ ୩ମାସ ରହି ସେଠାରେ ଏକ ମନ୍ଦିରରେ ରାଧାକୃଷ୍ଣ ମୂର୍ତ୍ତି ନିର୍ମାଣ କରିଥିଲେ। କେବଳ ଦେବୀଦେବ ମୂର୍ତ୍ତି ନୁହନ୍ତି, ସାମାଜିକ ସଚେତନତା ସୃଷ୍ଟି ପାଇଁ ସେ ବିଭିନ୍ନ ମୂର୍ତ୍ତିକଳା ପ୍ରଦର୍ଶନ କରିଥାନ୍ତି। ଓଡିଶାର ବିଭିନ୍ନ ସ୍ଥାନରେ ଏବେ ପୂଜା ପାର୍ବଣର ମାହୋଲ ବଢିଚାଲିଛି। କିନ୍ତୁ ଲୋକେ କଲିକତା ଭଳି ବାହାର ସ୍ଥାନକୁ ଯାଇ ଶିଳ୍ପୀଙ୍କୁ ଆଣି ଗଣେଶ, ଦୁର୍ଗା ଓ କାଳୀଙ୍କ ମୂର୍ତ୍ତି ତିଆରି କରୁଛନ୍ତି। ଓଡିଶାର ଶିଳ୍ପୀ ପଛରେ ନ ଥିଲେ ବି ଅଣାଦେଖା ହେଉଛନ୍ତି। ଓଡିଶା ବଜାରରେ ମୂର୍ତ୍ତି ସାଜସଜ୍ଜା ସାମଗ୍ରୀ ମିଳୁ ନ ଥିବାରୁ ଏହାକୁ କଲିକତାର କାନ୍ଥି ଅଞ୍ଚଳରୁ ଆମଦାନୀ କରାଯାଉଛି। ସମ୍ପ୍ରତି ବଜାରରେ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତି ବିକ୍ରି ହେବା ପରଠାରୁ କଳାକାରର ହାତ ତିଆରି ମାଟି ମୂର୍ତ୍ତିର ଚାହିଦା କମି କମିଯାଉଛି। ବାହାର ରାଜ୍ୟର କଳାକାରଙ୍କୁ ବିଭିନ୍ନ ପ୍ରୋତ୍ସାହନ ମିଳୁଥିବା ବେଳେ ଆମ ରାଜ୍ୟରେ ଏହା ନାହିଁ। ଫଳରେ କଳାର ବିକାଶ ଘଟି ପାରୁନାହିଁ ବୋଲି କରୁଣାକର କହିଛନ୍ତି। ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳିଲେ ଯୁବଶିଳ୍ପୀମାନେ ଏହି କଳାରେ ନିଜର ଉତ୍କର୍ଷ ପ୍ରତିପାଦନ କରିପାରନ୍ତେ। ଏଥିଲାଗି ସେ ଆଗ୍ରହୀ ଯୁବଶିଳ୍ପୀଙ୍କୁ ତାଲିମ ଦେଇ ଆସୁଥିବା କହିଛନ୍ତି।



ଗାଈ ନିକଟରେ ଶୋଇଥିବା ୩ ବାଛୁରୀ।

### ଏକାବେଳେ ୩ ବାଛୁରୀ ଜନ୍ମ

**ଖଇରା,୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରଡାଙ୍ଗ ଗ୍ରାମର ଏକ ଗାଈ ଶନିବାର ପୂର୍ବାହ୍ନରେ ୩ଟି ବାଛୁରୀ ଜନ୍ମ ଦେଇଛି। କୌଣସି ଗାଈ ଏକାବେଳେ ୩ଟି ବାଛୁରି ଜନ୍ମଦେବା ଘଟଣା ବିରଳ ବୋଲି ଚର୍ଚ୍ଚା ହେଉଛି। ମିର୍ଜାପୁର ପ୍ରାଣୀଧନ କେନ୍ଦ୍ର ନିରୀକ୍ଷକ ଅର୍ଜୁନ ଜେନାଙ୍କ ତତ୍ତ୍ୱାବଧାନରେ ଏହି ବାଛୁରି ଜନ୍ମ ନେଇଥିଲେ।

# 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଉପସ୍ଥିତ ଅତିଥିମାନେ।

**ପାଟଣା, ୧୩।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ତରଫରୁ ଜିଲାର ପାଟଣା ବ୍ଲକରୁ ପ୍ରଥମେ ବ୍ଲକ ସ୍ତରୀୟ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବିଜୁ ବାହିନୀ ଶତାଧିକ ଯୁବତୀ ଓ ଯୁବକ ମାନଙ୍କୁ ନେଇ ପ୍ରଥମେ ମୁଖ୍ୟାଳୟ ସ୍ଥିତ ଅନନ୍ଦେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଏହା ପରେ ପାଟଣା ମୁଖ୍ୟାଳୟ ସ୍ଥିତ ଷ୍ଟାଡିୟମ ନିକଟ ପଡ଼ିଆରେ ଶନିବାର ପୂର୍ବାହ୍ନ ଏହି କାର୍ଯ୍ୟକ୍ରମ କୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଅତିଥି ମାନେ ଶୁଭାରମ୍ଭ କରିଥିଲେ। ଯୁବ ସମାଜର ସାମଗ୍ରୀକ ବିକାଶ ସହ ସମାଜରେ ସ୍ୱେଚ୍ଛାସେବୀ ଭାବେ ଲୋକମାନଙ୍କୁ ସେବା ଯୋଗାଇଦେବା ପାଇଁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଉପସ୍ଥିତ ଅତିଥି ମାନେ କହିଥିଲେ। ଏହି ଅବସରରେ ନଭେମ୍ବର ୨୮ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱ କପର ମଡେଲ ଟ୍ରଫି ପ୍ରଦର୍ଶିତ ହୋଇଥିଲା। ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପୋହି, ମୁଖ୍ୟ ବକ୍ତା ଭାବେ ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ସମ୍ମାନନୀୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରାମରାଇ ମୁନ୍ଦୁୟା, ଉପାଧ୍ୟକ୍ଷା ମୀନା ମାଝୀ ପ୍ରମୁଖ ଯୋଗ ଦେଇ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି ଅବସରରେ ଅତିଥି ମାନେ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ ଓ ଠାକୁର ମୁଣ୍ଡା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ଗୁଡି ପୋଖରୀର ଯୁବା ପ୍ରତିଭା ଇପ୍ସିତା ନାଏକ ଓ ଦୁଗାଦେଇପୁର ଚିନ୍ମୟ ଦାଶଙ୍କୁ ଏହି ଅବସରରେ ସମ୍ମାନିତ କରାଯାଉଥିଲା। ଶେଷରେ ଯୁବତୀ ଯୁବକ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୫୪ ବର୍ଷରେ ଡେଲି ମାର୍କେଟ ଦୁର୍ଗାପୂଜା

**କେନ୍ଦୁଝର, ୧୩।୧୦ (ସ୍ୱ.ପ୍ର)**

କେନ୍ଦୁଝର ସହର ଡେଲି ମାର୍କେଟରେ ଦୁର୍ଗାପୂଜା କମିଟି ପକ୍ଷରୁ ଭାଇଚାରାର ଉତ୍ସବ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି । ୧୯୬୪ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ୫୪ ବର୍ଷରେ ପହଞ୍ଚିଥିବା ବେଳେ ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସ୍ଥାନୀୟ ବଣିକ ସଂଘ ତଥା ଅନ୍ୟାନ୍ୟ ପୂଜା କମିଟି ସହଯୋଗରେ ଦୁର୍ଗା ପୂଜା କମିଟି ପକ୍ଷରୁ ଉଦ୍ୟମ କରାଯାଉଛି ।

ମୂର୍ତ୍ତିକାର ଟିକିଙ୍କ ତତ୍ତ୍ୱାବଧାନରେ ମୂର୍ତ୍ତିଗଢା କାମ ଶେଷ ହେବାକୁ ବସିଛି । ସେ ତିନି ବର୍ଷ ହେଲା ଏହି ମୂର୍ତ୍ତି ନିର୍ମାଣ କରିଆସୁଛନ୍ତି। ଏଣୁ ଏହାକୁ ଆକର୍ଷଣୀୟ କରିବା ପାଇଁ ସେ ପ୍ରଚେଷ୍ଟା ଚଳାଇଛନ୍ତି।



ଶେଷ ପର୍ଯ୍ୟାୟରେ ଦୁର୍ଗାମେଢ଼ ପ୍ରସ୍ତୁତି।

କମିଟିର ସଭାପତି କୈଳାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଦସ୍ୟ ମାନେ ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ପ୍ରସ୍ତୁତି ଚାଲିଛି । ରୁପା ମୁକୁଟରେ ଦେବାଦେବୀ ଝଲସିବେ। ଏଠାରେ ଦେବୀ ଲଡୁ ଭୋଗ ଓ ଅନ୍ନପୂର୍ଣ୍ଣା ବିତରଣ ବ୍ୟବସ୍ଥା ନିଆରା ବୋଲି ଉପ ସମ୍ପାଦକ ଅରବିନ୍ଦ ରାମ କହିଛନ୍ତି।

୬ଷ୍ଠୀରୁ ତପୋ ଷଷ୍ଠୀ ପୂଜା ଆରମ୍ଭ ହୋଇ ମହାସପ୍ତମୀରେ ଦେବଶାସ୍ତ୍ର ପୂଜା, ଚଣ୍ଡିପାଠ ଓ ହୋମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡିଛି । ସେହିପରି ମହାଷ୍ଟମୀ ଦିନରେ ସନ୍ଧିପୂଜା, ବ୍ରତ ପୂଜା ଓ ଦୀପଦାନ ଅନୁଷ୍ଠିତ ହେବାକୁ ଥିବା ବେଳେ ମହାନବମୀ ଦିନ ରେ ଅନ୍ନପୂର୍ଣ୍ଣା ବେଶ ଧାରଣ ଏବଂ ବିଜୟା ଦଶମୀ ଦିନ ଅପରାଜିତା ପୂଜା, ଘଟ ବିସର୍ଜନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଦଶହରା ପରଦିନ ଭସାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥାଏ ବୋଲି ବରିଷ୍ଠ ସଦସ୍ୟ ଗୌରାଙ୍ଗ ଚରଣ ମିଶ୍ର କହିଛନ୍ତି।

ଧରିତ୍ରୀ DHARITRI
Quiz No.2
Puja Quiz- 2018
Main Sponsor
TVS
Co-Sponsors
CENTRAL
Nikon
☑ Tick mark the box which is correct
୧. ଉତ୍ତର ମେରୁରେ ପଦାର୍ପଣ କରିଥିବା ପୃଥିବୀର ପ୍ରଥମ ବ୍ୟକ୍ତି ?
କ. ରବର୍ଟ ପେରୀ ☐ ଖ. ନିଲ ଆର୍ମଷ୍ଟ୍ରଙ୍ଗ୍ ☐ ଗ. ଆମଣ୍ଡସନ ☐ ଘ. କୁଙ୍କୋ ତାବେଇ ☐
୨. ପବିତ୍ର ରାଜ୍ୟ ପୃଥିବୀରେ କାହାକୁ କୁହାଯାଏ ?
କ. ଓଡ଼ିଶା ☐ ଖ. ପାଲେଷ୍ଟାଇନ୍ ☐ ଗ. ପଞ୍ଜାବ ☐ ଘ. ଚିକାଗୋ ☐
୩. ପୃଥିବୀର ଦୀର୍ଘତମ ନଦୀ ?
କ. ଆମାଜନ ☐ ଖ. ନୀଳନଦୀ ☐ ଗ. ଅବରିଟସ ☐ ଘ. ମିସୋରି ମିସିସିପି ☐
୪. ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ପୃଥିବୀର ପ୍ରଥମ ବ୍ୟକ୍ତି ?
କ. ସଲି ପ୍ରୁଧୋମେ ☐ ଖ. କିନ୍ ହେନେରୀ ଡୁନାଣ୍ଡ ☐ ଗ. ଜନ ଟିୟର ଜେନ ☐ ଘ. ଆନ୍ ବାନ୍‌କ୍ରଫଟ ☐
୫. Pb କେଉଁ ମୌଳିକର ପ୍ରତୀକ ?
କ. ସିଲ୍‌ଭର ☐ ଖ. ଲେଡ୍ ☐ ଗ. ଗୋଲଡ୍ ☐ ଘ. ସୋଡିୟମ ☐
Participant's Name:......
Address:......
Education ......
Mobile......Age:......
E-mail:......
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 2
B-15, Industrial Estate, Rasulgarh, Bhubaneswar-10




# ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଫୁଟବଲ ମ୍ୟାଚ ଉଦ୍‌ଘାଟିତ

**ପାଟଣା,୧୩।୧୦(ସ୍ୱ.ପ୍ର.)**

ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ୫ ଦିନିଆ ଫୁଟବଲ ମ୍ୟାଚ ଶନିବାର ଅପରାହ୍ନରେ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣା ଆନୁକୂଲ୍ୟରେ ପାଟଣା ମୁଖ୍ୟାଳୟ ସ୍ଥିତ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ଉଦ୍‌ଘାଟନୀ ମ୍ୟାଚକୁ ଅନୁଷ୍ଠାନିକ ଭାବେ ସାମାଜିକ କର୍ମୀ ମାଧବାନନ୍ଦ ପୃଷ୍ଟି ଉଦ୍‌ଘାଟନ କରିଛନ୍ତି। ଉକ୍ତ ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ହରିହର ଓଝା, ଜଗନ୍ନାଥ ମହାନ୍ତ ପାଟଣା ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ରକୁମାର ସାହୁ ଓ ଖବର ଦାତା ନୃସିଂହ ନାଥ ସିଂ ଯୋଗ ଦେଇଥିଲେ। ଏହି ୫ ଦିନିଆ ଫୁଟବଲ ମ୍ୟାଚରେ ପୁରୁଷ ବର୍ଗର ୨୧ଟି ଦଳ ଓ ମହିଳା ବର୍ଗର ୬ ଟି ଦଳ ଅଂଶ ଗ୍ରହଣ କରିବାର ସ୍ଥିର ହୋଇଛି। ରେଫରୀ ଭାବେ ସନ୍ତୋଷ ଦାସ, ରତ୍ନାକର ମହାନ୍ତ , ଆକବର ଖାଁ ଓ ପ୍ରମୋଦ କୁମାର ଭଞ୍ଜଦେଓ ଖେଳ ପରିଚାଳନା କରିଥିଲେ। ପ୍ରଥମ ଦିନ ଖେଳରେ ପୁରୁଷ ଦଳ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ୩-୨ ଗୋଲରେ ରଗୁଆଁ ଏ.ପି ମହାବିଦ୍ୟାଳୟ କୁ ହରାଇଥିବା ବେଳେ ମହିଳା ବର୍ଗରେ ହରିଚନ୍ଦନପୁର ବି.ବି ମହାବିଦ୍ୟାଳୟ ଓ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ମଧ୍ୟରେ ଖେଳ ଅମୀମାଂସିତ ଥିଲା।



ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

